# ଭୁବନେଶ୍ୱର ସିଟି











## ଚଳିତ ବର୍ଷର ଶେଷ ପଥ ଉତ୍ସବ

# ମେଘୁଆ ପାଗରେ ନାଚଗୀତ



ଭୁବନେଶ୍ୱର, ୨୧।୧(ସମିସ):

ଶୀତୁଆ ସକାଳକୁ କୁହୁଡ଼ି ଭରା ମେଘୁଆ ପାଗ ଚଳିତ ବର୍ଷର ଶେଷ ପଥ ଉତ୍ସବକୁ ଲୋକାରଣ୍ୟ କରି ଦେଇଥିଲା। ସକାଳୁ ସକାଳୁ ଶୀତବର୍ଷ ପିନ୍ଧି ପଥ ଉତ୍ସବର ମଜା ନେଇଥିଲେ ଭୁବନେଶ୍ୱରବାସୀ। ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିଲା ଉଦ୍‌ଘାଟନୀ ଉତ୍ସବ। ପ୍ରଥମେ ଶଶାଙ୍କ ଓ ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତରେ ଝୁମିଥିଲେ ଉପସ୍ଥିତ ଦର୍ଶକ। ପରେ ମଞ୍ଚ ଉପରକୁ ଆସିଥିଲେ ଅନ୍ତର୍ଜାତୀୟ ନୃତ୍ୟ ଶିଳ୍ପୀ ତଥା ଗୁରୁ ଶାଶ୍ୱତ ଯୋଷୀଙ୍କ ସହ ତାଙ୍କ ଲାସ୍ୟ କଳା ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ। ପରେ ଭୁବନେଶ୍ୱର ସିଜ୍‌ଲର୍ସ ଡ୍ୟାନ୍ସ ଗ୍ରୁପର ଧାମାକାଦାର ନୃତ୍ୟରେ ପୂରା ପରିବେଶ ହୋଇଉଠିଥିଲା ସରଗରମ। ଅନ୍ତରା ଚକ୍ରବର୍ତ୍ତୀଙ୍କ ଗୀତ ମତୁଆଲା କରିଥିଲା ଯୁବଗୋଷ୍ଠୀଙ୍କୁ। ଗୀତ ଓ ନୃତ୍ୟର ତାଳେ ତାଳେ ନାଚି, ଗାଇ ଝୁମିଥିଲେ ଦର୍ଶକ। ରବିବାର ସକାଳୁ କୁହୁଡ଼ି ଭରା ମେଘୁଆ ପାଗରେ ଶୀତ ମଜା ନେଇଥିଲେ ଦର୍ଶକ। ଉତ୍ସବକୁ ଦେଖିବାକୁ ପ୍ରବଳ ଭିଡ଼ ଜମିଥିଲା। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ସବୁ ବର୍ଗରଲେକେ ପଥ ଉତ୍ସବରୁ ମନଭରି ଉପଭୋଗ କରିଥିଲେ। କଳାଭୂମିଠାରୁ ମଧୁସୂଦନ ପାର୍କ ପର୍ଯ୍ୟନ୍ତ ଦୁଇଟି ମଞ୍ଚ ଏବଂ ମନୋରଞ୍ଜନର ଏକାଧିକ ଆସର ଜମିଥିଲା। ସବୁଠାରୁ ଅଧିକ ଗହଳି ଲାଗିଥିଲା ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ ମଞ୍ଚ ନିକଟରେ। ବିଏମ୍‌ସିର ପରିମଳ ସଚେତନତା ଓ ମୋ ଖତ, କିଡୋ କିଙ୍ଗଡମ, ଜୁମ୍ବା, ହେଲ୍‌ଥ କ୍ୟାମ୍ପ, ୱେଲନସ୍ କର୍ଣ୍ଣର, ସ୍ପୋର୍ଟସ, କ୍ରାଫ୍ଟ ଜୋନ୍, ଓପନ ଜିମ୍, ରାଜସ୍ୱ କେନ୍ଦ୍ର, ସାଇନ୍ ଲାଙ୍ଗୁଏଜ୍, ଯୋଗ, ଷ୍ଟ୍ରିଟ ଡ୍ୟାନ୍ସ ଓ ମ୍ୟୁଜିକ୍ ଆଦି ଷ୍ଟଲ ଲାଗିଥିଲା। ଏଥିରେ ବିଶେଷ ଅତିଥିଭାବେ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ, କମିସନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିସନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ, ସମସ୍ତ ଜୋନାଲ ଡେପୁଟି କମିସନର, ବିଭିନ୍ନ କର୍ପୋରେଟର, ବିଏମ୍‌ସିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

> **ବଣ୍ଟାଗଲା ମାଗଣା କ୍ୟାଲେଣ୍ଡର୍**
>
> **ବୁଲିଲା ଭ୍ରାମ୍ୟମାଣ ପାଠାଗାର**
>
> **ମନମୋହିଲା ଯୋଡ଼ି ଶଙ୍ଖକୁ ଘୋଡ଼ା ନାଚ**

କଳାକାରଙ୍କ ଠାରୁ ଆରମ୍ଭ କରି ମହିଳା ଦର୍ଶକ ପଥ ଉତ୍ସବରେ ଝୋଟି ପକାଇ ସେମାନଙ୍କ ଓଡ଼ିଆଣୀ କଳାର ପ୍ରମାଣ ଦେଇଥିଲେ। ଏହାସହ ପୁରାନୀ ଯାଦେ ଏବଂ କଳାକାରଙ୍କ ଦ୍ୱାରା ଗଜଲ ଗାଇବାକୁ ମନଭରି ଶୁଣିଥିଲେ ଦର୍ଶକ।

କାନାରା ବ୍ୟାଙ୍କ ପକ୍ଷରୁ ୨୦୨୪ର କ୍ୟାଲେଣ୍ଡର୍ ବଣ୍ଟନ କରାଯାଇଥିଲା। ନବ ବର୍ଷର କ୍ୟାଲେଣ୍ଡରଟିଏ ଘରକୁ ନେଇ ଯିବାକୁ କାନାରା ବ୍ୟାଙ୍କ ଷ୍ଟଲ ପାଖରେ ହଜାର ହାଜାର ଲୋକ ଭିଡ ଜମାଇଥିଲେ। କାନାଡା ବ୍ୟାଙ୍କ ଷ୍ଟଲ ନିକଟରେ କ୍ୟାଲେଣ୍ଡର ନେବା ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ପଥ ଉତ୍ସବରେ ବକୁଳ ଫାଉଣ୍ଡେସନ୍ ପକ୍ଷରୁ ଭ୍ରାମ୍ୟମାଣ ପାଠାଗାର ଖୋଲିଥିଲା। ମନୋରଞ୍ଜନ ସାଙ୍ଗକୁ ନୂଆ ନୁଆ ପୁସ୍ତକ ପ୍ରତି ରୂଚି ରଖୁଥିବା ବ୍ୟକ୍ତି ବିଶେଷ ଏଠାରେ ଭିଡ ଜମାଇଥିଲେ। ଏହା ସହ ପାଠ ପଢୁଥିବା ଦେଖିବାକୁ ମିଳିଥିଲା।

ମିନି ଷ୍ଟାଡିୟମ୍ ପାଲଟିଥିଲା ପଥ ଉତ୍ସବ। ବିଭିନ୍ନ ଖେଳର ଆସର ଜମିଥିଲା। ବିଭିନ୍ନ ଷ୍ଟଲ ବୁଲାବୁଲି କରିବା ପରେ କିଛି ସମୟ ଖେଳରେ ସମୟ ଦେଇ ପଥ ଉତ୍ସବକୁ ଉପଭୋଗ କରିଥିଲେ ଦର୍ଶକ। କିଏ ବାସ୍କେଟ ବଲ୍, କିଏ ବ୍ୟାଡ୍‌ମିଣ୍ଟନ, ସ୍ଲାଇଡ୍‌ରେ ମଜି ଯାଇଥିଲା। ରାସ୍ତାରେ ସାପ-ଶିଡିର ଲୁଡୁ ଗଡ଼ାଇଥିଲେ କୁନି କୁନି ପିଲାମାନେ। ଏକ ଚକିଆ ସାଇକଲ ଚାଳନା, ପେଣ୍ଟିଂ, ଡ୍ରଇଂ, କ୍ଲେ ମଡେଲିଂ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହ ଆକର୍ଷଣ ସାଜିଥିଲେ କୁନି କୁନି ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ସ୍କେଟିଂ ସୋ।

ତୃତୀୟପଥଉତ୍ସବରେଗଞ୍ଜାମରଯୋଡି ଶଙ୍ଖ ଓଘୋଡ଼ା ନାଚ ଲୋକଙ୍କ ମନ ମୋହିଥିଲା। କମେଡି ଅଭିନୟର ବେଶ ମଜା ଉଠାଇଥିଲେ ଦର୍ଶକ। ନୃତ୍ୟ, ଗୀତ, କମେଡି, ଏକକ ଅଭିନୟ ଆଦି ଦର୍ଶକମାନଙ୍କୁ ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏହି ରାସ୍ତା ସତେ ଯେମିତି ଏକ ମେଳଣ ପଡ଼ିଆ ପରି ପ୍ରତୀୟମାନ ହେଉଥିଲା।









## କାହା ପାଇଁ କେମିତି

# 'କୋଚିଂ ସେଣ୍ଟର୍ ମାର୍ଗଦର୍ଶିକା'

ଭୁବନେଶ୍ୱର, ୨୧।୧ (ବିଶ୍ୱଜିତ ଗାଇଗରିଆ)

ବୈଷୟିକ ଶିକ୍ଷା ପାଇଁ ପ୍ରବେଶିକ ପରୀକ୍ଷା କିମ୍ବା ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇବା ପାଇଁ ଘରୋଇ କୋଚିଂ ବ୍ୟବସ୍ଥା ବହୁ ପୁରୁଣା ବ୍ୟବସ୍ଥା। ଏହା ଉପରେ ବହୁ ଅଭିଭାବକ ଓ ଛାତ୍ରଛାତ୍ରୀ ମଧ୍ୟ ଉନ୍ନତ ଭବିଷ୍ୟତ ସ୍ୱପ୍ନ ନେଇ ନିର୍ଭରଶୀଳ ହୋଇପଡ଼ନ୍ତି। ସମୟକ୍ରମେ ଏହା ଦେଶରେ ଏକ ବ୍ୟବସାୟ ଭାବେ ଉଭା ହେବା ସହ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ସମସ୍ୟା ପାଲଟିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏକ ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି। ମାର୍ଗଦର୍ଶିକା ଅନୁଯାୟୀ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ତାଲିମ ଦେଉଥିବା କୋଚିଂ ସେଣ୍ଟରଗୁଡ଼ିକ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜିକୃତ କରିବେ। ସେମାନେ ୧୬ ବର୍ଷରୁ କମ୍ ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇ ପାରିବେ ନାହିଁ। ତାଲିମ ଦେବାପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ସ୍ନାତକୋତ୍ତରରୁ ଅଧିକ ହୋଇଥିବା ଆବଶ୍ୟକ। ଏହା ସହ ବିଦ୍ୟାର୍ଥୀଙ୍କ ନିକଟରୁ ଇଚ୍ଛା ମୁତାବକ ଫି' ଆଦାୟ କରିପାରିବେ ନାହିଁ କିମ୍ବା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରିପାରିବେ ନାହିଁ। କୃତୀ ଛାତ୍ରଛାତ୍ରୀଙ୍କ ଫଟୋ କୌଣସି ବିଜ୍ଞାପନରେ ବ୍ୟବହାର ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଶିକ୍ଷାର ମାନ ସୁନିଶ୍ଚିତ କରିବା ପାଇଁ କୋଚିଂ ସେଣ୍ଟରଗୁଡ଼ିକୁ ନିର୍ଦ୍ଦିଷ୍ଟ ନିୟମ ପାଳନ କରିବାକୁ ହେବ। ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟରକ୍ଷା କରିବା ପାଇଁ ପଦକ୍ଷେପ ସ୍ୱରୂପ ମନୋବିଜ୍ଞାନୀ ନିୟୋଜିତ କରିବେ। କୋଚିଂ ସେଣ୍ଟରରେ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସହ ଆନୁସଙ୍ଗିକ ବ୍ୟବସ୍ଥା କରିବେ। ଏହାର ଖିଲାପ କଲେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦଣ୍ଡ ବିଧାନ କରିବାର ପ୍ରାବଧାନ ମଧ୍ୟ ରହିଛି। ମାର୍ଗଦର୍ଶିକାର କାର୍ଯ୍ୟାନ୍ୱୟନ ଓ ତଦାରଖ ସମ୍ପୃକ୍ତ ରାଜ୍ୟ ସରକାର କରିବେ। ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ମଧ୍ୟ ସ୍ୱାଗତ କରାଯାଇଛି। ବହୁ ଅଭିଭାବକ ଏହାକୁ ସ୍ୱାଗତ କରୁଥିଲେ ମଧ୍ୟ ନିଜ ପିଲାଙ୍କ ଭବିଷ୍ୟତ ଶିକ୍ଷା ସମ୍ପର୍କରେ ସନ୍ଧିହାନ ଅଛନ୍ତି। ସମ୍ପ୍ରତି କୋଚିଂ ନେଉଥିବା ପିଲାମାନେ ଆଗକୁ ନିଜକୁ କିପରି ପ୍ରସ୍ତୁତ କରିବେ ଓ ଏହି ନିର୍ଦ୍ଦେଶାବଳୀର ପ୍ରଭାବ ତାଙ୍କ ଉପରେ କିପରି ରହିବ ସେ ନେଇ ଚିନ୍ତିତ ଅଛନ୍ତି।






ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପିଲାଟି ପ୍ରଥମେ ବିଦ୍ୟାଳୟ ଯିବା ସମୟରେ ତା'ଠାରେ ଶିଶୁ ମାନସିକତା ଥାଏ। କୋଚିଂ ସେଣ୍ଟର ପ୍ରଲୋଭନରେ ପ୍ରଭାବିତ ହୋଇ ଅଭିଭାବକମାନେ ପିଲାଙ୍କୁ ଶିକ୍ଷାର ମେସିନ୍‌ରେ ପୂରାଇ ଦେଇଥାନ୍ତି। ଫଳରେ ପିଲାଟିର ଶୈଶବ ବା ନିଜସ୍ୱ ମାନସିକତା ମଳିନ ହୋଇଯାଏ। ପିତାମାତାଙ୍କ ସ୍ୱପ୍ନ ବୋଝ ପିଲାଙ୍କୁ ଦିଶାହୀନ କରିଥାଏ। ୨୦୨୩ ମସିହାରେ ରାଜସ୍ଥାନ କୋଟାରେ ୨୬ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମାତ୍ରାଧିକ ଚାପ ଏହାର ଅନ୍ୟତମ କାରଣ। ସରକାରଙ୍କ ଏହି ମାର୍ଗଦର୍ଶିକା ଏଥିରେ ସୁଧାର ଆଣିବ। ରାଜ୍ୟ ସରକାର ଏହାକୁ କେତେ କାର୍ଯ୍ୟକାରୀ କରିପାରିବେ ତାହା ଦେଖିବାର କଥା।

- ଶରତ କୁମାର କର, ଶିକ୍ଷାବିତ



ଏହି ପଦକ୍ଷେପ ଦ୍ୱାରା ଅଭିଭାବକଙ୍କ ଉପରେ ଆର୍ଥିକ ବୋଝ ଓ ଚାପ ହ୍ରାସ ପାଇବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜସ୍ୱ ଭାବନା ଉଦ୍ରେକ ହେବ। ବିଦ୍ୟାଳୟରେ ଉପଯୁକ୍ତ ଶିକ୍ଷା ମିଳୁ ନ ଥିବା ଉପଲବ୍ଧି କରି ପିଲାଙ୍କୁ କୋଚିଂ ସେଣ୍ଟର ପଠାଇବାକୁ ଆମେ ବାଧ୍ୟ ହୋଇଥାଉ। ଏଥିପାଇଁ ନିୟମର କାର୍ଯ୍ୟାନ୍ୱୟନ ପୂର୍ବରୁ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସଜାଡ଼ିବାର ଆବଶ୍ୟକତା। ଆବଶ୍ୟକ ଶିକ୍ଷକ ଓ ଶ୍ରେଣୀଗୃହ ଯୋଗାଇ ଶିକ୍ଷାଦାନ ପ୍ରଣାଳୀର ନିୟମିତ ଯାଞ୍ଚ କଲେ ସ୍ୱତଃ ସରକାରଙ୍କ ନିୟମ କାର୍ଯ୍ୟକାରୀ ହୋଇଯିବ।

- ଇଂ ପ୍ରିୟଦର୍ଶିନୀ ସ୍ୱାଇଁ, ଅଭିଭାବକ



ସମସ୍ତ ପିଲାଙ୍କ ନିକଟରେ ମେଧା ଶକ୍ତି ସମାନ ନ ଥାଏ। ତେଣୁ ସ୍ୱତନ୍ତ୍ର ଶିକ୍ଷାଦାନ, କୋଚିଂ ମାଧ୍ୟମରେ ପିଲାଙ୍କୁ ପ୍ରଶିକ୍ଷଣ ଦେବାକୁ ସମସ୍ତ ଅଭିଭାବକ ଆଗ୍ରହୀ ହୋଇଥାନ୍ତି। ଏହା ବନ୍ଦ ହୋଇଗଲେ ଅଭିଭାବକମାନେ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଦୁର୍ବଳ ପିଲାଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଘରୋଇ ଶିକ୍ଷକଙ୍କ ଆବଶ୍ୟକତା ପଡ଼ିବ। କୋଚିଂ ସେଣ୍ଟର ଅପେକ୍ଷା ଘରକୁ ପଢ଼ାଇବାକୁ ଆସିଲେ ସେମାନେ ଅଧିକ ଟଙ୍କା ଦାବି କରିପାରନ୍ତି। ଗ୍ରାମାଞ୍ଚଳରେ ଏହାର ବ୍ୟାପକ ପ୍ରଭାବ ପରିଲକ୍ଷିତ ହେବ। ଏପରି ହେଲେ ସରକାରଙ୍କ ମାର୍ଗଦର୍ଶିକା ବାଟବଣା ହୋଇଯିବ। ଏହାକୁ ଦୃଷ୍ଟିରେ ରଖି ସରକାର ବିକଳ୍ପ ବ୍ୟବସ୍ଥା ମଧ୍ୟ ସ୍ଥିର କରିବା ଆବଶ୍ୟକ।

- ଅଜିତ ଦାସ୍, ଅଭିଭାବକ



# ଭୁବନେଶ୍ୱର ସିଟି

■ ରିହାତି ଦରରେ କାର୍ ଦେବା ଆଳରେ ଠକେଇ

## ଆଉ ୪ ଗିରଫ; ୩ କାର୍ ଜବତ

ଭୁବନେଶ୍ୱର, ୨୧।୧ (ସମିସ): ଡିସ୍କାଉଣ୍ଟରେ କାର୍ ଦେବା ଆଳରେ ଠକେଇ ମାମଲାରେ ଅନ୍ୟ ୪ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ୩ଟି କାର୍ ଜବତ କରାଯାଇଛି। ଧରାପଡ଼ିଥିବା ଦୁଇ ଜଣ ଅଭିଯୁକ୍ତ ୩୦ରୁ ଅଧିକ ଲୋକଙ୍କୁ ଠକିଥିବା ସୂଚନା ମିଳିଛି। ସେମାନେ ଲୋକଙ୍କୁ କାର୍ ଦେବାକୁ କହି ଟଙ୍କା ଉଠାଉଥିଲେ। କିନ୍ତୁ ଚୁକ୍ତି ଅନୁସାରେ କାର୍ ଯୋଗାଇ ପାରୁ ନ ଥିଲେ। ଯେଉଁଥି ପାଇଁ ସେମାନଙ୍କୁ ଲୋକ ଖୋଜି ଟଙ୍କା ଫେରାଇବାକୁ କହିଥିଲେ ମଧ୍ୟ ସେମାନେ ଧରାଛୁଆଁ ଦେଇ ନ ଥିଲେ। ଏପରିକି ସେମାନେ ଯେଉଁ ଅଫିସ୍ ଖୋଲି କାର୍ ଯୋଗାଉଥିଲେ ତାହାକୁ ମଧ୍ୟ ବନ୍ଦକରି ଦେଇଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଅନେକ ଅଭିଯୋଗକାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏନେଇ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ସେମାନେ ଲୋକଙ୍କୁ ଠକିଥିବା ପ୍ରମାଣ ମିଳିଥିଲା। ସେମାନେ କାର୍ ଦେବା ପାଇଁ ମଧ୍ୟ ଓଏଲ୍ଏକ୍ସରେ ବିଜ୍ଞାପନ ମଧ୍ୟ ଦେଉଥିଲେ। ଲୋକେ ଏହି ବିଜ୍ଞାପନ ଦେଖି ସେମାନଙ୍କ ସହ ଯୋଗାଯୋଗ କରୁଥିଲେ। ଏହାପରେ ଏହି ଗ୍ୟାଙ୍ଗ୍ ମିଛ ବାହାନା କରି ଟଙ୍କା ନେଉଥିଲେ। କିନ୍ତୁ କାର୍ ଦେଉ ନ ଥିଲେ କି ଧରାଛୁଆଁ ଦେଉ ନ ଥିଲେ। ପୂର୍ବରୁ ଏହିଭଳି କାର୍ ଡିସ୍କାଉଣ୍ଟରେ ଦେବାକୁ କହି ଠକିଥିବା ଅକ୍ଷୟ ଗୌଡ଼ ଓ ଉଷାରାଣୀ ବାରିକଙ୍କୁ ପୁଲିସ ଗିରଫ କରିବା ପରେ ଅନ୍ୟମାନେ ଫେରାର ହୋଇଯାଇଥିଲା। ହେଲେ ରବିବାର ରାତିରେ ସେମାନେ ଭୁବନେଶ୍ୱର ଉପକଣ୍ଠରୁ ପୁଲିସ କାବୁ କରିଥିଲା। ପଚରାଉଚରା କରିବା ପରେ ଠକେଇ ପାଇଁ ବ୍ୟବହାର କାରକୁ ଜବତ କରାଯାଇଛି। ଡିସ୍କାଉଣ୍ଟରେ ଗାଡ଼ି ଦେବାକୁ କହି ଲୋକଙ୍କଠୁ ପ୍ରାୟ ୪୦ କୋଟି ଟଙ୍କା ଲୁଟିଥିବା ଅକ୍ଷୟ ଗୌଡ ଓ ଉଷାରାଣୀ ବାରିକଙ୍କ ଲିଙ୍କ୍‌ରେ ଏକାଧିକ ବ୍ୟକ୍ତି ରହିଥିବା ପୁଲିସ ପ୍ରମାଣ ପାଇଥିଲା। ଧରାପଡ଼ିଥିବା ୪ଜଣ ଏହି ଦମ୍ପତିଙ୍କ ଲିଙ୍କ୍‌ରେ ଅଛନ୍ତି କି ନାହିଁ ସେନେଇ ପୁଲିସ ତଦନ୍ତ କରୁଛି।

### ଶିଖରଚଣ୍ଡୀ ମୁଣ୍ଡିଆ ତଳେ ମାତିଲେ ଜମି ଦଲାଲ

# ବିକିଦେଲେ ୫ ଏକର ଜଙ୍ଗଲ ଜମି

ଭୁବନେଶ୍ୱର, ୨୧।୧ (ସମିସ):

ରାଜଧାନୀରେ ଥିବା ମୂଲ୍ୟବାନ ସରକାରୀ ଜମି ସୁରକ୍ଷିତ ରହିବ। ସରକାରୀ ଜମିରେ ସାମାନ୍ୟ ଜବରଦଖଲ ହେଲେ, ସଙ୍ଗେ ସଙ୍ଗେ ସାଧାରଣ ପ୍ରଶାସନ ବିଭାଗ ନିକଟରେ ପହଞ୍ଚିବ ସୂଚନା। ଟେକ୍ନୋଲୋଜିକୁ ପ୍ରୟୋଗ କରି ୨୦୨୦ ମସିହାରେ ଭୁବନେଶ୍ୱର ଲ୍ୟାଣ୍ଡ ୟୁଜ ଇଣ୍ଟେଲିଜେନ୍ସ ସିଷ୍ଟମ୍ (ବ୍ଲୁଇସ) ଆପ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ହେଲେ ସାଧାରଣ ପ୍ରଶାସନ ବିଭାଗ, ବିଏମସି, ବିଡ଼ିଏ ଓ ଓରସାକର ମିଳିତ ସହଯୋଗରେ କାମ କରୁଥିବା ବ୍ଲୁଇସ ଆପ ସଠିକ୍ ଭାବେ କାମ କରୁ ନ ଥିବାରୁ ଏହାର ସୁଯୋଗ ନେଇ ପୁଣି ସକ୍ରିୟ ହୋଇ ଉଠିଛନ୍ତି ଜମି ମାଫିଆ। ଶ୍ୟାମପୁର ମୌଜାରେ ଜବରଦଖଲ ହୋଇଥିବା ସରକାରୀ ଜମି ଏପର୍ଯ୍ୟନ୍ତ ଜବରଦଖଲ ମୁକ୍ତ ହୋଇ ପାରି ନ ଥିବା ବେଳେ ଆଉ ଏକ ବଡ଼ ଧରଣର ଜବରଦଖଲ ସାମ୍ନାକୁ ଆସିଛି। ମୂଲ୍ୟବାନ ସରକାରୀ ଜମିକୁ ନିଜ କବଜାକୁ ନେଇ ପ୍ଲଟିଙ୍ଗ୍ ଆରମ୍ଭ କରିଛନ୍ତି ମାଫିଆ। ଭୁବନେଶ୍ୱର ନାକ ତଳ କୁହାଯାଉଥିବା ଶିଖରଚଣ୍ଡୀ ପାହାଡ଼ ତଳେ ମାତିଛନ୍ତି ଜମି ଦଲାଲ। ଜଙ୍ଗଲ କିସମର ପ୍ରାୟ ୫ ଏକର ଜମିକୁ ବିକ୍ରି କରିବା ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ, ସଫ୍ଟୱେର କମ୍ପାନୀ ମାଇଣ୍ଡ ଟ୍ରି ଓ ଶିଖରଚଣ୍ଡୀ ପାହାଡ଼ ମଝିରେ ପଥରଗାଡ଼ିଆ ମୌଜାରେ ମୂଲ୍ୟବାନ ସରକାରୀ ଜମି। ପୂର୍ବରୁ ସେହି ଜମିକୁ ବିଭିନ୍ନ ଲୋକଙ୍କୁ ଲିଜ୍ ସୂତ୍ରରେ ଦିଆଯାଇଥିବା ବେଳେ ୨୦୧୪ ମସିହାରେ ବନ୍ଦୋବସ୍ତ ହେବାପରେ ପୁଣି ସରକାରଙ୍କ ଖାତାକୁ ଫେରି ଯାଇଥିଲା। ଜଙ୍ଗଲ ଓ ପତିତ କିସମର ଆବାଦ ଯୋଗ୍ୟ ଅନାବାଦୀ ଜମି ଉପରେ ପଡ଼ିଛି ଜମି ମାଫିଆଙ୍କ ନଜର। ତେବେ ୮/୧୦ ଦିନ ହେବ ଏହି ସରକାରୀ ଜମି ବିକ୍ରି ରାକେଟ ସକ୍ରିୟ ହୋଇଛି। ସ୍ଥାନୀୟ ଅଞ୍ଚଳର କିଛି ମୁଷ୍ଟିମେୟ ଲୋକ ଏକାଠି ହୋଇ ପ୍ରାୟ ୫ ଏକରରୁ ଅଧିକ ଜଙ୍ଗଲ ଜମିକୁ ନିଜ ଆୟତ୍ତକୁ ନେଇଛନ୍ତି। ୩୦ ଫୁଟ୍ ଲମ୍ବାରେ ୩୦ ଫୁଟ ଓସାରିଆ ଅର୍ଥାତ ୯୦୦ ବର୍ଗଫୁଟ ଆକାରରେ ଜମି ଗୁଡ଼ିକୁ ପ୍ଲଟିଂ କରୁଛନ୍ତି। ପ୍ରାୟ ୫ ଏକର ଜମିରେ ୧୫୦ରୁ ଅଧିକ ପ୍ଲଟ ସୃଷ୍ଟି ହୋଇଛି। ପ୍ରତ୍ୟେକ ପ୍ଲଟକୁ ଯିବା ପାଇଁ ୩୦ ଫୁଟ ଓସାରର ରାସ୍ତା ମଧ୍ୟ କରାଯାଇଛି। ଗୋଟିଏ ପ୍ଲଟକୁ ଦେଢ଼ ଲକ୍ଷ ଲେଖାଏଁ ଟଙ୍କାରେ ବିକ୍ରି କରାଯାଉଛି। ପ୍ରାୟ ୩୦ରୁ ଅଧିକ ପ୍ଲଟ ବିକ୍ରି ହୋଇ ସାରିଥିବା ବେଳେ ୧୦ରୁ ଅଧିକ ପ୍ଲଟରେ ଥିବା ସବୁତକ ସରକାରୀ ଜମି ବିକ୍ରି କରାଯାଏ ତେବେ କାରବାର ଦୁଇ କୋଟି ଟପିବ। ପ୍ରତ୍ୟେକ ଦିନ ଶହ ଶହ ଲୋକ ଜମି କିଣିବା ଉଦ୍ଦେଶ୍ୟରେ ଜମି ଦେଖିବାକୁ ଯାଉଛନ୍ତି। ଜବରଦଖଲ ହୋଇଥିବା ଜମି ପାଖ ଦେଇ ୨ଶହ ଫୁଟିଆ ରାସ୍ତା ଯାଉଥିବାରୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକମାନଙ୍କୁ ପ୍ରଲୋଭିତ କରାଯାଉଛି। ବିନା କୌଣସି କାଗଜପତ୍ରରେ ବହୁମୂଲ୍ୟ ସରକାରୀ ଜମିକୁ ବିକ୍ରି କରାଯାଉଛି। ଏଭଳି ସ୍ଥିତିରେ ବ୍ଲୁଇସ ଆପର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ଜମିରେ ହୋଇଥିବା ଜବରଦଖଲକୁ ଚିହ୍ନଟ କରିବା ପାଇଁ ଥିବା ବ୍ଲୁଇସ ଆପ ସଠିକ୍ ଭାବେ କାମ କରୁ ନ ଥିବାରୁ ଲୋକମାନେ ସହଜରେ ଜମି ଜବରଦଖଲ କରି ନେଉଛନ୍ତି। ସେପଟେ ରାଜଧାନୀରେ ଜନସଂଖ୍ୟା ଯେତିକି ବୃଦ୍ଧି ପାଉଛି ତାକୁ ତାଳଦେଇ ଜମି ମୂଲ୍ୟ ମଧ୍ୟ ଢେର୍ ବୃଦ୍ଧି ପାଉଛି। ସହର ଉପକଣ୍ଠରେ ରହିବାକୁ ଲୋକମାନେ ପସନ୍ଦ କରୁଛନ୍ତି। ଏହାର ଫାଇଦା ନେଇ ଜମି ମାଫିଆ ସକ୍ରିୟ ହୋଇଛନ୍ତି।

**ଦେଢ଼ ଲକ୍ଷରେ ବିକ୍ରି ହେଉଛି ୯ ଶହ ବର୍ଗଫୁଟ୍ ଜମି**

**ଦୁଇ କୋଟିର କାରବାର, ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ନିର୍ମାଣ**



### ଜନସେବା କେନ୍ଦ୍ରକୁ ମୋହରା କରୁଛନ୍ତି ସାଇବର୍ ଠକ

## ଖସି ଯାଉଛନ୍ତି ଠକ; ଫସୁଛନ୍ତି ଜନସେବା କେନ୍ଦ୍ର ମାଲିକ

ଭୁବନେଶ୍ୱର, ୨୧।୧(ସମିସ):

ପୁଲିସ ଡାଳେ ଡାଳେ ଗଲେ ଅପରାଧୀ ପତ୍ରେ ପତ୍ରେ ଯାଉଛନ୍ତି। ପୁଲିସ ଲୋକଙ୍କୁ ଯେତେ ସଚେତନ କଲେ ମଧ୍ୟ ସାଇବର୍ ଠକ ନୂଆ ନୂଆ କୌଶଳରେ ଠକେଇ କରୁଛନ୍ତି। ଏବେ ସାଇବର୍ ଠକ ତାଙ୍କ ଠକେଇ ପାଇଁ ବିଭିନ୍ନ ଅଞ୍ଚଳରେ ଥିବା ଜନସେବା କେନ୍ଦ୍ରକୁ ଟାର୍ଗେଟ କରୁଛନ୍ତି। ଲୋକଙ୍କ ଠାରୁ ଠକେଇ କରି ଟଙ୍କା ଜନସେବା କେନ୍ଦ୍ରର ଆକାଉଣ୍ଟକୁ ଆଣୁଛନ୍ତି। ସେଠାରୁ ପରେ ସାଇବର୍ ଠକ କେନ୍ଦ୍ରର ପିଲାଙ୍କ ଠାରୁ ଟଙ୍କା ଉଠାଇ ନେଇଯାଉଛନ୍ତି। ସାଇବର୍ ଠକ ଟଙ୍କା ନେଇ ପାର ହୋଇଯାଉଥିବା ବେଳେ ପୁଲିସ ହାତରେ ଧରାପଡ଼ି ଜନସେବା କେନ୍ଦ୍ରର ମାଲିକ୍ ଫସୁଛନ୍ତି। ପୁଲିସ ଜନସେବା କେନ୍ଦ୍ରର ଆକାଉଣ୍ଟ ଅଚଳ କରି ଦେଉଛନ୍ତି। ଆକାଉଣ୍ଟ କାରବାର ବନ୍ଦ ହୋଇଯାଇଥିବାରୁ ମାଲିକ ଆଉ ବ୍ୟବସାୟ କରିପାରୁ ନାହାନ୍ତି। ପୁଲିସକୁ ନିକଟକୁ ଗଲେ ପୁଲିସ ତାଙ୍କୁ ଅଭିଯୁକ୍ତ ଧରାଇ ଦେବାକୁ କହୁଛନ୍ତି। ଅପରାଧୀ ଧରା ନ ହେବା ପର୍ଯ୍ୟନ୍ତ ଜନସେବା କେନ୍ଦ୍ରର ଆକାଉଣ୍ଟ ଅଚଳ ହୋଇ ରହୁଛି। ଏଭଳି ଘଟଣା ସାଇବର ଥାନାକୁ ଅନେକ ମାମଲା ଆସୁଛି। ବିଶେଷକରି ଜନସେବା କେନ୍ଦ୍ର ଏବଂ ଗ୍ରାମାଞ୍ଚଳରେ ଥିବା ଛୋଟବଡ଼ ଦୋକାନ, ମଦ ଦୋକାନ ଏବଂ ପେଟ୍ରୋଲ ପମ୍ପଙ୍କ ଆକାଉଣ୍ଟକୁ ସାଇବର୍ ଠକ ଟଙ୍କା ଆଣୁଛନ୍ତି। ସାଇବର୍ ଠକ ମୋହରା କରି ଠକେଇ କରିଥିବାରୁ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଉଛି। ବିଶେଷ କରି ସାଇବର ଠକ ଓଏଲ୍ଏକ୍ସ'ରେ ଘରଭଡ଼ା ଦେବା ଏବଂ ଗାଡ଼ି ବିକ୍ରି କରିବା ବିଜ୍ଞାପନ ଦେଉଛନ୍ତି। ଏହାକୁ ଦେଖି ଲୋକେ ଫୋନ୍ କଲେ ଠକ କଥା ହୋଇ ଘର ଦେବାକୁ କହି ଅଗ୍ରୀମ ଟଙ୍କା ପଠାଇବାକୁ କହୁଛନ୍ତି। ଘର ଭଡ଼ା ପାଇଁ ଲୋକ ବାଧ ହୋଇ ଅଗ୍ରୀମ ଟଙ୍କାକୁ ପଠାଇବାକୁ ରାଜି ହେଉଛନ୍ତି। ଠକ ଦେଇଥିବା ଜନସେବା କେନ୍ଦ୍ରର ଆକାଉଣ୍ଟକୁ ଶିକାର ହୋଇଥିବା ବ୍ୟକ୍ତି ପଠାଉଛନ୍ତି। ସେମାନଙ୍କୁ ଘର ଭଡ଼ା ନ ମିଳିବାରୁ ଠକାମିର ଶିକାର ହୋଇଥିବା ଜାଣିବା ପରେ ଥାନାର ଦ୍ୱାରସ୍ଥ ହେଉଛନ୍ତି। ଟଙ୍କା ପଠାଇଥିବା ଜନସେବା କେନ୍ଦ୍ର ନାମରେ ଅଭିଯୋଗ କରିବାକୁ ପରେ ଟଙ୍କା ଯାଇଥିବା ପୁଲିସ ପ୍ରମାଣ ପାଇବା ପରେ ଆକାଉଣ୍ଟ ଅଚଳ କରିଦେଉଛି।

**ଗ୍ରାମାଞ୍ଚଳର ଦୋକାନୀଙ୍କୁ ଟାର୍ଗେଟ କରୁଛନ୍ତି**

ପରେ ସେମାନେ ଏହି ଦୋକାନୀଙ୍କ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଟଙ୍କା ପଠାଇ ଦେଉଛନ୍ତି। ସାଇବର୍ ଠକ ବିଭିନ୍ନ ବାହାନା କରି ଠକେଇ ଟଙ୍କା ଜନସେବା କେନ୍ଦ୍ରର ଆକାଉଣ୍ଟକୁ ଆଣୁଛନ୍ତି। ସାଙ୍ଗ ଟଙ୍କା ପଠାଉଛି, ଭଉଣୀ ପଠାଉଛନ୍ତି ଆଦି ବିଭିନ୍ନ ବାହାନା କରି ଟଙ୍କା ଆଣିଥାନ୍ତି। କିନ୍ତୁ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ବିଭିନ୍ନ ଲୋଭ ଦେଖାଇ ଟଙ୍କା ଜନସେବା କେନ୍ଦ୍ରର ଆକାଉଣ୍ଟକୁ ପଠାଇବାକୁ କହୁଛନ୍ତି। ଏହିଭଳି ଏକାଧିକ ଜନସେବା କେନ୍ଦ୍ରକୁ

### ମାର୍ଗଦର୍ଶିକା ମାନୁନାହାନ୍ତି ଜନସେବା କେନ୍ଦ୍ର

ବିଭିନ୍ନ ସହର ଏବଂ ଗ୍ରାମରେ ଥିବା ଜନସେବା କେନ୍ଦ୍ରକୁ ସରକାର ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ସେମାନଙ୍କୁ ନିଜର ଆକାଉଣ୍ଟରୁ କୌଣସି ପ୍ରକାର କାରବାର କରିପାରିବେ ନାହିଁ। କେବଳ ଗ୍ରାହକଙ୍କ ଆକାଉଣ୍ଟରୁ ସେମାନେ କାରବାର କରିପାରିବେ। କିନ୍ତୁ ଏହାକୁ ମାନୁନାହନ୍ତି ଜନସେବାକେନ୍ଦ୍ର। ଏପରିକି କିଏ ଟଙ୍କା ପଠାଇଲା, କିଏ ନେଲା। ସମସ୍ତ ଗ୍ରାହକଙ୍କ ଆଧାରକାର୍ଡ ରେଜକ୍ସ, ଫିଙ୍ଗର ପ୍ରିଣ୍ଟ ଏବଂ ଅନ୍ୟାନ୍ୟ ତଥ୍ୟ ରଖିବାକୁ କୁହାଯାଇଛି। କିନ୍ତୁ ଓଡ଼ିଶାରେ ଥିବା ଏକାଧିକ ଜନସେବା କେନ୍ଦ୍ର ଗ୍ରାହକଙ୍କ ତଥ୍ୟ ରଖୁନାହାନ୍ତି। ଯେଉଁଥି ପାଇଁ ସାଇବର୍ ଠକ ସେମାନଙ୍କୁ ଠକିବା ପାଇଁ ସୁଯୋଗ ପାଉଛନ୍ତି। ଆଉ ପୁଲିସ ଠକଙ୍କୁ ଗିରଫ କରିବାରେ କଷ୍ଟକର ବ୍ୟାପାର ହେଉଛି।

## ଦୁର୍ଘଟଣାରେ ଓଡ଼ିଆ ଧାରାବାହିକ ନିର୍ଦ୍ଦେଶକଙ୍କ ପରଲୋକ

ଭୁବନେଶ୍ୱର / ସାଲେପୁର, ୨୧।୧ (ସମିସ): ଏକ ସଡ଼କ ଦୁର୍ଘଟଣାରେ ଜଣେ ଓଡ଼ିଆ ଟିଭି ଧାରାବାହିକ ନିର୍ଦ୍ଦେଶକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଲ୍ଲୀପ କୁମାର ଦାଶ(୩୨)। ଅପରାହ୍ଣରେ କଟକ-ସାଲେପୁର ରାସ୍ତାର ନାନ୍ଦୋଲଗଡ଼ା ନିକଟରେ କଟକରୁ ନିଜ ଘର ପଞ୍ଚୁପାଣ୍ଡବ ଅଞ୍ଚଳକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। 'ବିଜୟିନୀ' ଓ 'ତୁ ମୋ ସାଥୀରେ' ଭଳି ଓଡ଼ିଆ ଧାରାବାହିକର ସେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଏକ କ୍ଷୀରବୋଝେଇ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହେବା ଫଳରେ ସେ ଗୁରୁତର ହୋଇ ରାସ୍ତାରେ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ଧାରାବାହିକର ନିର୍ଦ୍ଦେଶକଙ୍କ ଅକାଳ ବିୟୋଗରେ କଳାକାରମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।



## ଟ୍ରେଲର-ଟ୍ରକ୍ ମୁହାଁମୁହିଁ, ୨ ଚାଳକ ଗୁରୁତର

ଭୁବନେଶ୍ୱର/ସାଲେପୁର, ୨୧।୧ (ସମିସ): ଗତକାଲି ବିଳମ୍ବିତ ରାତ୍ରିରେ ଏକ ୧୦ଚକିଆ ଟ୍ରକ୍ ଓ ଟ୍ରଲର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡ଼ି ଚାଳକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଗତକାଲି ରାତି ପ୍ରାୟ ସାଢ଼େ ୧୨ଟାରେ କଟକ-ସାଲେପୁର ରାସ୍ତାର ଖରାଖିଆ ବଜାର ନିକଟରେ କଟକରୁ ସାଲେପୁର ଅଭିମୁଖେ ଆସୁଥିବା ଏକ ଟ୍ରଲର ଓ ସାଲେପୁରରୁ କଟକ ଅଭିମୁଖେ ଯାଉଥିବା ୧୦ଚକିଆ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ଗାଡ଼ି ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଥିବା ଜଣାଯାଇଛି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଦମ୍ପତି ଗିରଫ

ଧଉଳି,୨୧।୧(ସମିସ): ଜଣେ ବିଧବା ଓ ଅସହାୟ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଧଉଳି ଥାନା ପୁଲିସ ଦମ୍ପତିଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିଶୁପାଳଗଡ଼ ପଞ୍ଚାୟତ କାକୁଡ଼ିଖାଲ ଗ୍ରାମର ଜିତେନ୍ଦ୍ର ସାହାଣୀଙ୍କ ପତ୍ନୀ ସଂଜିତା ସାହାଣୀ। ଖବରନେବାରେ ଜଣାପଡ଼ିଛି ଜିତେନ୍ଦ୍ରଙ୍କ ଘର ନିକଟରେ ଅଭିଯୋଗକାରୀ ମହିଳା ସ୍ୱର୍ଣ୍ଣଲତା ପ୍ରଧାନଙ୍କ ଘର। ସ୍ୱର୍ଣ୍ଣଲତାଙ୍କ ସ୍ୱାମୀଙ୍କ ଗତ କିଛିବର୍ଷ ତଳେ ମୃତ୍ୟୁ ହୋଇଥିବାରୁ ସେ ଏକାକୀ ରହୁଥିଲେ। ଏହାର ସୁଯୋଗ ନେଇ ଜିତେନ୍ଦ୍ର ଓ ସଂଜିତା ମହିଳାଙ୍କ ଘରକୁ ଖଣ୍ଡ ଇଟା ଓ ପଥର ପକାଉଥିଲା। ଏହାକୁ ନେଇ ସ୍ୱର୍ଣ୍ଣଲତା ଧଉଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଉକ୍ତ ଦମ୍ପତିଙ୍କୁ ଗିରଫ କରିଛି।

### ନମିତାଙ୍କୁ ତଣ୍ଟିଚିପି ହତ୍ୟା ମାମଲା

# ୨୫ ମାସ ପରେ ଅଭିଯୁକ୍ତ ସ୍ୱାମୀ ଗିରଫ

ଭୁବନେଶ୍ୱର, ୨୧।୧(ସମିସ):

କୁଞ୍ଜପାଟଣା ସାହିର ନମିତା ସାହୁଙ୍କୁ ତଣ୍ଟିଚିପି ହତ୍ୟା ଘଟଣାରୁ ହଟିଛି ପରଦା। ହତ୍ୟାର ୨୫ ମାସ ପରେ ପତ୍ନୀହନ୍ତା ସ୍ୱାମୀକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା ବାଲେଶ୍ୱର ଜିଲ୍ଲା





**ମା'ର ହତ୍ୟାକାରୀକୁ ଧରାଇଦେଲା ପୁଅ**

ସହଦେବଖୁଣ୍ଟାର ସମରେନ୍ଦ୍ର ବିଶ୍ୱାଳ (୫୩)। ସେହିପରି ଉଭୟ ପୂର୍ବରୁ ବିବାହିତ। ନମିତା ନିଜ ସ୍ୱାମୀ ଓ ପୁଅ-ଝିଅକୁ ଅଲଗା କରି ସମରେନ୍ଦ୍ରଙ୍କୁ ମନ୍ଦିରରେ ବିବାହ କରିଥିଲେ। ମଥାରେ ସିନ୍ଦୁର ଦେଇ ସାତଜନ୍ମ ଯାଏଁ ଖୁସିରେ ରଖିବେ ବୋଲି କଥା ଦେଇଥିଲେ। କିନ୍ତୁ ଅଧାରେ ବାଟରେ ଅଟକି ଯାଇଥିଲା ନମିତାଙ୍କ ସ୍ୱପ୍ନ। ତେବେ ସବୁଠୁ ବଡ଼କଥା ହେଲା, ମା'ର ହତ୍ୟାକାରୀକୁ ନିଜ ପୁଅ ହିଁ ଧରାଇ ଦେଇଥିବା କୁହାଯାଉଛି।

### ବସ୍‌ରୁ ପରିଚୟ; ମନ୍ଦିରରେ ବିବାହ

ମୃତ ନମିତାଙ୍କ ନିଜ ଘର ଭଦ୍ରକ ଜିଲ୍ଲା କଶିଆ ମେରାଇନ୍ ଥାନା ଗୋପବନ୍ଧୁନଗର। ସେ ବଙ୍କିମ୍ ଚନ୍ଦ୍ର ସାହୁଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ ରହିଛି। ୨୦୧୪ ମସିହାରେ ସ୍ୱାମୀଙ୍କ ସହ ନମିତାଙ୍କ ବିବାଦ ଲାଗିବାରୁ ଅଲଗା ହୋଇଯାଇଥିଲେ। ପରେ ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହେବାରୁ ନମିତା ଭୁବନେଶ୍ୱରକୁ ପଳାଇ ଆସିଥିଲେ। ଏଠାକୁ ଆସି ପର ଘରେ କାମଧନ୍ଦା କରି ଚଳୁଥିଲେ। ଅନେକ ସମୟରେ ବସ୍‌ରେ ଗାଁକୁ ଯାଆନ୍ତି ନମିତା। ଭୁବନେଶ୍ୱରକୁ ଭଦ୍ରକକୁ ବସ୍‌ରେ ଯିବା ସମୟରେ ବସ୍ କଣ୍ଡକ୍ଟର ଥିବା ସମରେନ୍ଦ୍ରଙ୍କ ସହ ତାଙ୍କର ଚିହ୍ନା ପରିଚିତ ହୋଇଥିଲେ। ସମରେନ୍ଦ୍ରଙ୍କ ଘର ଭଦ୍ରକ ଜିଲ୍ଲା ନାୟକାଣିଡିହି ଥାନା ବଡ଼ ହାବେଳିସାହିରେ। ଉଭୟ ଗୋଟିଏ ଜିଲ୍ଲାର ହୋଇଥିବାରୁ ବସ୍‌ରେ ଯିବା ଆସିବା ଭିତରେ ନମିତା ଓ ସମରେନ୍ଦ୍ର କଥାବାର୍ତ୍ତା ହେଉଥିଲେ। ପରେ ପରସ୍ପର ମଧ୍ୟରେ କ୍ରମଶଃ ସମ୍ପର୍କ ଘନିଷ୍ଠ ହେବାରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ନମିତା ନିଜ ସ୍ୱାମୀକୁ ଛାଡ଼ପତ୍ର ଦେଇଥିବା ବେଳେ ପୂର୍ବରୁ ବିବାହିତ ଥିବା ସମରେନ୍ଦ୍ରର ପତ୍ନୀଙ୍କ ମୃତ୍ୟୁ ହୋଇଯାଇଥିଲା। ତେଣୁ ଉଭୟ ଏକାଠି ରହିବେ ବୋଲି ମନସ୍ଥ କରିଥିଲେ। ଉଭୟ ଲୁଚି କରି ଭୁବନେଶ୍ୱରର କେଦାରଗୌରୀ ମନ୍ଦିରରେ ବିବାହ କରିଥିଲେ। ନମିତାଙ୍କୁ ବିବାହ ପରେ ସମରେନ୍ଦ୍ର ନିଜ ଘରକୁ ଉଭୟ ବିବାହିତ ପତ୍ନୀ ଓ ପତି ରୂପେ ଯାଇଥିଲେ। କିନ୍ତୁ ସମରେନ୍ଦ୍ରଙ୍କ ପ୍ରଥମ ପତ୍ନୀଙ୍କ ପୁଅ ଏବଂ ଝିଅ ଏହି ବିବାହକୁ ବିରୋଧ କରୁଥିଲେ। ଏପରିକି ଉଭୟଙ୍କୁ ସେଠାରେ ରହିବା ଲାଗି ଅନୁମତି ଦେଇନଥିଲେ। ସବୁଠି ନିରାଶ ହେବା ପରେ ଉଭୟ ବାଧ ହୋଇ ପୁଣି ଭୁବନେଶ୍ୱର ପଳାଇ ଆସିଥିଲେ। ସମରେନ୍ଦ୍ର ଓ ନମିତା ସ୍ୱାମୀ ଓ ସ୍ତ୍ରୀର ପରିଚୟ ଦେଇ କୁଞ୍ଜପାଟଣାରେ ମାସିକ ୫ହଜାର ଘରଭଡ଼ା ନେଇ ରହୁଥିଲେ। ପରେ ଉଭୟଙ୍କ ସଂସାର ବି ସୁରୁଖୁରରେ ଚାଲିଥିଲା।

**ମନୋମାଳିନ୍ୟରୁ ବିବାଦର ସୂତ୍ରପାତ**

ନମିତା ଓ ସମରେନ୍ଦ୍ର ଦୁଇବର୍ଷ ଏକାଠି ରହିବା ପରେ ଜୀବନରେ ଘୋଟି ଆସିଥିଲା କଳାବାଦଲ। ଏକାଠି ରହୁଥିବା ନମିତା ଓ ସମରେନ୍ଦ୍ରଙ୍କ ମଧ୍ୟରେ ମନୋମାଳିନ ସୃଷ୍ଟି ହୋଇଥିଲା। ସମରେନ୍ଦ୍ର କାମ ବାହାନାରେ ଘରକୁ ନ ଫେରି ବାହାରେ ରାତି କାଟୁଥିଲେ। ନମିତାଙ୍କ କୌଣସି ଦାୟିତ୍ୱ ମଧ୍ୟ ନେଉ ନ ଥିଲେ କି ଦେଖାଶୁଣା କରୁ ନ ଥିଲେ। ଏମିତିକି ମାସ ମାସ ଧରି ନମିତାଙ୍କ ଠାରୁ ସମରେନ୍ଦ୍ର ଅଲଗା ରହୁଥିଲେ। ଘରଭଡ଼ା ଦେଉ ନ ଥିଲେ। ମଝିରେ ମଝିରେ ଘରଭଡ଼ାକୁ ନେଇ ସମରେନ୍ଦ୍ରଙ୍କ ସହ ନମିତାଙ୍କ ଫୋନ୍ ଯୋଗେ ପାଟିତୁଣ୍ଡ ହୋଇଥିଲା। ଏହି ବିବାଦର ପୂର୍ଣ୍ଣଚ୍ଛେଦ ଘଟାଇବା ସହ ନମିତାଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇବା ଲାଗି ସମରେନ୍ଦ୍ର ରଚିଥିଲା ସୁଚିନ୍ତିତ ଷଡ଼ଯନ୍ତ୍ର। ୨୦୨୧ ମସିହା ଡିସେମ୍ବର ୯ ତାରିଖରେ କୁଞ୍ଜପାଟଣା ସ୍ଥିତ ଭଡ଼ା ଘରକୁ ସମରେନ୍ଦ୍ର ଆସିଥିଲେ। ଘର ଭିତରେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଲାଗିବା ସହ ମାର୍‌ପିଟ୍ ହୋଇଥିଲା। ପରେ ଏକ ଓଢ଼ଣିରେ ନମିତାଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିଲା ସମରେନ୍ଦ୍ର। ହତ୍ୟା କରିବା ପରେ ଘର ତାଲା ପକାଇ ସମରେନ୍ଦ୍ର ଫେରାର୍ ହୋଇଯାଇଥିଲା। ପ୍ରମାଣ ନଷ୍ଟ ଲାଗି ନମିତାଙ୍କ ଫୋନ୍ ଓ ହତ୍ୟାରେ ବ୍ୟବହାର କରିଥିବା ଓଢ଼ଣିକୁ ନେଇ ଅଲଗା ସ୍ଥାନରେ ଫୋପାଡ଼ି ଦେଇଥଲେ। ପରଦିନ ନମିତାଙ୍କୁ ହତ୍ୟା କରାଯାଇଥିବା ପୁଅ ତପନ କୁମାର ସାହୁ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରାଯିବାରୁ ଏହା ଏକ ହତ୍ୟା ଘଟଣା ବୋଲି ସ୍ପଷ୍ଟ ହୋଇଥିଲା। ନମିତାଙ୍କୁ ସମରେନ୍ଦ୍ର ହିଁ ହତ୍ୟା କରିଥିବା ନେଇ ଠୋସ୍ ପ୍ରମାଣ ମିଳିଥିଲା।

### କୋଲକାତା ପଳାଇଥିଲା ସମରେନ୍ଦ୍ର

ନମିତାଙ୍କୁ ହତ୍ୟା କରିବା ପରେ ସିଧା କୋଲକାତା ପଳାଇଥିଲା ସମରେନ୍ଦ୍ର। ସେଠାରେ ଏକ ବସ୍‌ରେ କଣ୍ଡକ୍ଟର ଭାବେ କାମ କରୁଥିଲା। ହତ୍ୟାକାଣ୍ଡ ପରେ ପରିବାର କିମ୍ବା ସମ୍ପର୍କୀୟଙ୍କ ସହ ସମ୍ପର୍କ ରଖି ନ ଥିଲା। ଏପରିକି ମଝିରେ ମଝିରେ ରାଜ୍ୟ ବାହାରକୁ ପଳାଉଥିଲା। ଧରାପଡ଼ିଯିବା ଭୟରେ ଫୋନ୍ ବି ବ୍ୟବହାର କରୁ ନ ଥିଲା। ବହୁ ସମୟରେ କୋଲକାତା ବସ୍‌ରେ ବାଲେଶ୍ୱର ବସ୍‌ଷ୍ଟାଣ୍ଡକୁ ସମରେନ୍ଦ୍ର ଯିବା ଆସିବା କରୁଥିଲା। ସହଦେବଖୁଣ୍ଟା ଅଞ୍ଚଳରେ ଲୁଚି ରହୁଥିଲା। ଗତକାଲି ନମିତାଙ୍କ ପୁଅ ତପନ ବାଲେଶ୍ୱର ଯାଇଥିବା ବେଳେ ସମରେନ୍ଦ୍ରଙ୍କୁ ଚିହ୍ନଟ କରିଥିଲା। ଶ୍ରୀଲିଙ୍ଗରାଜ ଥାନା ପୁଲିସର ଏକ ଟିମ୍ ସେଠାକୁ ଯାଇ ସମରେନ୍ଦ୍ରକୁ କାବୁ କରି ଭୁବନେଶ୍ୱରକୁ ଆଣିଥିଲା।







# ପୁରାତନ ପୁଷ୍କରିଣୀ ପାଲଟିଛି ଆବର୍ଜନା କୁଣ୍ଡ

ଭୁବନେଶ୍ୱର, ୨୧।୧(ସମିସ):

ବିଏମ୍‌ସିର ୫୦ନମ୍ବର ୱାର୍ଡ ଅନ୍ତର୍ଗତ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟସ୍ଥ ପୁରାତନ ପୁଷ୍କରିଣୀ ଏବେ ଆବର୍ଜନା କୁଣ୍ଡରେ ପରିଣତ ହୋଇଯାଇଛି। ଏହି ଜଳାଶୟର ପାଣି ସମ୍ପୂର୍ଣ୍ଣ ନୀଳବର୍ଣ୍ଣ ହୋଇଯାଇଥିବା ବେଳେ ଦଳ ଭର୍ତ୍ତି ହୋଇଯାଇଥିବାରୁ ପାଣି ବ୍ୟବହାର ଯୋଗ୍ୟ ହୋଇନାହିଁ। ସେହିଭଳି ଜଳାଶୟ ଭିତରେ ଓ ବାହାରେ ଗଦା ଗଦା ପଲିଥିନ୍, ସୋଲ୍ ଠୁଙ୍ଗା, ପ୍ଲେଟ୍ ଆଦି ପଡ଼ି ନର୍ଦ୍ଦମା କୁଣ୍ଡର ଭ୍ରମ ସୃଷ୍ଟିକରୁଛି। ଗତ ତିନିବର୍ଷ ତଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପୁଷ୍କରିଣୀର ପୁନରୁଦ୍ଧାର କରାଯିବା ସହ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣା ଅଭାବରୁ ଆଜି ଏଭଳି ସ୍ଥିତି ଉପୁଜିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ବିଶେଷକରି ଏହି ପୋଖରୀରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଗାଡ଼ି ଚଳାଉଥିବା ଡ୍ରାଇଭର, କଣ୍ଡକ୍ଟର, ହେଲ୍‌ପର୍, ଅଟୋ ଚାଳକଙ୍କ ସମେତ ବିଭିନ୍ନସ୍ଥାନରୁଆସୁଥିବା ଯାତ୍ରୀମାନେ ସ୍ନାନଶୌଚ କରୁଥିଲେ। ଏହାସହ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସମୟରେ ପୋଖରୀ ଓ ଶୌଚାଳୟକୁ ବ୍ୟବହାର କରୁଥିଲେ। ହେଲେ ପୁନରୁଦ୍ଧାର ହେବାର ମାତ୍ର ୬ରୁ ୮ ମାସ ଭିତରେ ଜଳାଶୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ରାଜଧାନୀର ମାଳମାଳ ପୋଖରୀ ପ୍ରତିଦିନ ସଫା ହେଉଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କେହି ନେଉ ନ ଥିବାରୁ ଏହା ଯଥା ପୂର୍ବଂ ତଥା ପରଂ ପରିସ୍ଥିତିରେ ରହୁଥିବା ଲୋକମାନେ କ୍ଷୋଭର ସହ କହିଛନ୍ତି।

ସୂଚନାନୁସାରେ, ୨୦୨୧ ମସିହାରେ ଜଳାଶୟ ପୁନରୁଦ୍ଧାର ଯୋଜନାରେ ବିଏମ୍‌ସି ପକ୍ଷରୁ ୫୦ଲକ୍ଷ ଟଙ୍କା ବ୍ୟୟରେ ପୋଖରୀର ପଙ୍କ ଉଦ୍ଧାର ହେବା ସହ ଚାରିପଟେ ଗାର୍ଡୱାଲ୍, ଷ୍ଟିଲ୍ ରେଲିଂ, ପାଦଚଲା ରାସ୍ତା, ଶୌଚାଳୟ, ପୋଖରୀ ମଝିରେ ୱାଟର୍ ଫାଉଣ୍ଟେନ୍ ଭଳି ସୁବିଧା କରାଯାଇଥିଲା। ଜାତୀୟ ରାଜପଥ କଡ଼ରେ ପୋଖରୀଟି ଥିବାରୁ ବରମୁଣ୍ଡା ଓଭରବ୍ରିଜ୍ ଉପରେ ଯାତାୟାତ କରୁଥିବା ଲୋକମାନେ ସନ୍ଧ୍ୟାରେ ପୋଖରୀ ଭିତରର ମନୋରମ ଦୃଶ୍ୟକୁ ଉପଭୋଗ କରୁଥିଲେ। ହେଲେ ବିଏମ୍‌ସିର ଢିଲାପଣ ପାଇଁ ଏଭଳି ଏକ ସୁନ୍ଦର ପୁଷ୍କରିଣୀ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଏ ନେଇ ସ୍ଥାନୀୟ ବାସିନ୍ଦା ହରିହର ସାମନ୍ତରାଙ୍କ କହିବାନୁସାରେ, ପୋଖରୀରେ ଯାହା ବି କାମ ହୋଇଥିବା ତାହା ଅତ୍ୟନ୍ତ ନିମ୍ନମାନର। ତେଣୁ ମାସ କେଇଟାରେ କାମ ସବୁ ଭାଙ୍ଗିରୁଜି ଯାଇଥିବାବେଳେ ରକ୍ଷଣାବେକ୍ଷଣା ଅଭାବରୁ ପାଣି ବି ନଷ୍ଟ ହୋଇଗଲା। ସେହିଭଳି ପୋଖରୀ ପାଣିର ଇନଲେଟ୍ ଓ ଆଉଟଲେଟ୍ ପାଇଁ ବ୍ୟବସ୍ଥା ହୋଇ ନ ଥିବାରୁ ପାଣି ଏକପ୍ରକାରରେ ସ୍ଥିର ହୋଇରହୁଛି। ଯେଉଁଥିପାଇଁ ପାଣି ଉପରେ ଏକ ପ୍ରକାରର ଆସ୍ତରଣ ସୃଷ୍ଟି ହୋଇ ଦଳ ହେଉଛି। ତେଣୁ ପୋଖରୀର ପୁନରୁଦ୍ଧାର କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



**ଟଙ୍କା ଖର୍ଚ୍ଚକରି ଚୁପ୍ ବସିଗଲା ବିଏମ୍‌ସି**

**ରକ୍ଷଣାବେକ୍ଷଣ କଥା ପାସୋରି ଗଲେ**

**ସ୍ନାନ, ଶୌଚ ପାଇଁ ହନ୍ତସନ୍ତ ଯାତ୍ରୀ ଓ ଜନତା**

## ଜୀବନର କେତେ ରଙ୍ଗ

# ରାସ୍ତାକଡ଼ରେ ପ୍ରଫୁଲ୍ଲଙ୍କ ଶୁଖୁଆ ପସରା



ଭୁବନେଶ୍ୱର, ୨୧।୧(ସମିସ): ଷ୍ଟିୱାର୍ଟ ଛକସ୍ଥିତ ବ୍ରିଟ୍ କଲୋନୀ ନିକଟରେ ରହିଛି ପ୍ରଫୁଲ୍ଲ କୁମାର ମାଝୀଙ୍କ ଶୁଖୁଆ ଦୋକାନ। ଯେଉଁଠାରେ ପାଖାପାଖି ୧୦୦ ପ୍ରକାରର ଶୁଖୁଆର ପସରା ଦେଖିବାକୁ ମିଳେ। ଦୀର୍ଘ ୭/୮ ବର୍ଷ ହେଲା ରାଜଧାନୀରେ ଶୁଖୁଆ ବିକ୍ରି ଆରମ୍ଭ କରିଛନ୍ତି ପ୍ରଫୁଲ୍ଲ। ଦୋକାନ ଆରମ୍ଭ ଦିନରୁ ଏପର୍ଯ୍ୟନ୍ତ ଲୋକଙ୍କ ଚାହିଦା ଶୁଖୁଆ ପ୍ରତି କମି ନାହିଁ, ବରଂ ବଢ଼ି ବଢ଼ି ଚାଲିଛି। ସାଧାରଣ ଦିନ ଅପେକ୍ଷା ଆମିଷ ବାରିରେ ବ୍ୟବସାୟ ଭଲ ହୋଇଥାଏ। ଅନ୍ୟ ଶୁଖୁଆ ଅପେକ୍ଷା ପଥରମୁଣ୍ଡି, ଗୋରେଇ, ଖଅଙ୍ଗା, ଇଲିସି, ପିତାଶୁଖୁଆ, ଖାର୍‌ପାଣିଆ, ମରୁଆ ଓ ଚିଙ୍ଗୁଡ଼ିର ଚାହିଦା ରାଜଧାନୀରେ ଅଧିକ ରହିଥିବା ସେ କୁହନ୍ତି। ସେଥିମଧ୍ୟରୁ ଖଅଙ୍ଗା ଓ ଇଲିସିର ଚାହିଦା ଅଧିକ ରହିଥାଏ। ଇଲିସିର ଦାମ ୩ହଜାର ପାଖାପାଖି ରହିଥିବା ବେଳେ ଖଅଙ୍ଗା ୬୦୦ ରୁ ୭୦୦ ମଧ୍ୟରେ ଥାଏ। ଏହାର ଓଜନ ଓ ଆକାରକୁ ନେଇ ତାର ଦର ନିର୍ଦ୍ଧାରଣ କରାଯାଇଥାଏ। ୧୨୦ ଟଙ୍କାରୁ ଆରମ୍ଭକରି ଏକ ହଜାର ଟଙ୍କା ଏବଂ ତା'ଠୁ ଅଧିକ ଦାମ୍‌ର ଶୁଖୁଆ ବି ତାଙ୍କ ପାଖରେ ରହିଛି। ସେଥିରୁ ସବୁଠୁ କମ୍ ମୂଲ୍ୟ ଚାନ୍ଦି ଶୁଖୁଆର ଅଛି। ରାଜଧାନୀରେ କେବଳ ଯେ ରାଜଧାନୀରେ ରହୁଥିବା ଲୋକ ହିଁ ଅଧିକ ଖାଉଛନ୍ତି ତାହା ନୁହେଁ, ବରଂ ସେମାନଙ୍କଠୁ ବେଶି ବାହାର ରାଜ୍ୟରେ ରହୁଥିବା ଓଡ଼ିଆମାନେ ବି ଶୁଖୁଆ ଦେଖିଲେ କିଣିବାକୁ ଆଗ୍ରହୀ ହୋଇଥାନ୍ତି। ଏପରିକି ବିଦେଶରେ ରହୁଥିବା ଓଡ଼ିଆମାନେ ନିଜ ପରିବାର ଲୋକଙ୍କଠାରୁ ଶୁଖୁଆ ମଗାଇ ଖାଇବାକୁ ଭୁଲନ୍ତି ନାହିଁ। ଦିଲ୍ଲୀ, ଆମେରିକା ଓ ନେପାଳରେ ମଧ୍ୟ ଓଡ଼ିଆମାନେ ଶୁଖୁଆ ଖୋଜିଥାନ୍ତି ବୋଲି ପ୍ରଫୁଲ୍ଲ ମାଝୀ କୁହନ୍ତି। ତେବେ ଶୁଖୁଆ ବେପାରରୁ ଯାହା ରୋଗଗାର ହୁଏ ସେଥିରେ ପରିବାର ପ୍ରତିପୋଷଣ କରୁଛନ୍ତି ପ୍ରଫୁଲ୍ଲ। ପ୍ରଫୁଲ୍ଲଙ୍କ କହିବାନୁଯାୟୀ ଏକ ପାଞ୍ଚ ଫୁଟିଆ ଶୁଖୁଆ ଆଗରୁ ବିକ୍ରି କରୁଥିଲେ। ଯାହାକୁ ଦେଖି ଅନେକ ଗ୍ରାହକ ମଧ୍ୟ ତାଙ୍କ ପାଖକୁ ଆସୁଥିଲେ। କିନ୍ତୁ ବିଏମ୍‌ସିର ତାଗିଦା ପରେ ସେ ଆଉ ବଡ଼ ଶୁଖୁଆ ଆଣୁ ନାହାନ୍ତି। ଯାହା ବି ବେପାର ହେଉଛି ସେଥିରେ ସବୁ ବର୍ଗର ଗ୍ରାହକ କିଣୁଛନ୍ତି। ତେବେ ପୂର୍ବାପେକ୍ଷା ବଡ଼ବଡ଼ିଆ ଲୋକେ ମଧ୍ୟ ଶୁଖୁଆ କିଣୁଥିବା କୁହନ୍ତି ପ୍ରଫୁଲ୍ଲ।



# ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ଓଷ୍ଟା

ଭୁବନେଶ୍ୱର, ୨୧।୧ (ସମିସ): ବିଭିନ୍ନ ଦାବିରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଫେବୃଆରୀ ପ୍ରଥମ ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି। ଅବସର ପରେ ପେନସନ୍ ପ୍ରଦାନ, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ଆଦି ଦାବି ପୂରଣ କରା ନ ଗଲେ ଓଷ୍ଟା ମିଳିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍‌କମ୍ ଟ୍ୟାକ୍ସ ଫ୍ରେଣ୍ଡସ ସୋସାଇଟିର ବାର୍ଷିକ ନିର୍ବାଚନ

ଭୁବନେଶ୍ୱର, ୨୧।୧(ସମିସ): ଇନ୍‌କମ୍ ଟ୍ୟାକ୍ସ ଫ୍ରେଣ୍ଡସ ସୋସାଇଟିର ୩୯ ତମ ବାର୍ଷିକ ସାଧାରଣ ଅଧିବେଶନ ଫୁଲନଖରା ନିକଟସ୍ଥ ଏକ କୃଷି ଉଦ୍ୟାନରେ ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ସଭାପତି ଶରତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସଭ୍ୟସଭ୍ୟା ଯୋଗଦାନ କରିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶରତ ଦାଶ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ରାଧାଶ୍ୟାମ ଗିରି ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଗୌତମ ଦାସ କାର୍ଯ୍ୟକାରୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଯୁଗ୍ମ ସମ୍ପାଦକ ଭାବେ ଶଶିକାନ୍ତ ବେହେରା ଓ ତ୍ରିଲୋଚନ ମଲ୍ଲିକ, କୋଷାଧ୍ୟକ୍ଷ ଭାବେ ଲଳିତ ପଣ୍ଡା, ସହ କୋଷାଧ୍ୟକ୍ଷ ଭାବେ ସେଖ ରାଜେନ୍ ଜାନ, ହିସାବ ସମୀକ୍ଷକ ଭାବେ ଏ ଭି ଏନ୍ ଶ୍ରୀନିବାସ, ଓ କାର୍ଯ୍ୟକାରିଣୀ କମିଟିକୁ ସର୍ବଶ୍ରୀ ନିର୍ମଳେନ୍ଦୁ ଗୁପ୍ତା, ପୀତାମ୍ବର ଲେଙ୍କା, କିଶୋର ମହାନ୍ତି, ମନୋଜ ପତି, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ଏମ କେ ସାଇ, କବିତାଞ୍ଜଳି ପାଲ, ବିଦ୍ୟାଧର ସାହୁ ଓ ମଙ୍ଗରାଜ ସେଠୀ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ବ୍ରଜେନ୍ଦ୍ର ମହାନ୍ତି ଓ ଜଗବନ୍ଧୁ ସାହୁଙ୍କୁ ପୁନଃ ନିର୍ବାଚିତ କରାଯାଇଥିଲା।



ରାତି ପାହିଲେ ନେତାଜୀ ଜୟନ୍ତୀ: ଅବହେଳିତ ଅବସ୍ଥାରେ ଭଞ୍ଜକଳା ମଣ୍ଡପ ନିକଟରେ ଥିବା ପ୍ରତିମୂର୍ତ୍ତି

# ରାଜ୍ୟ ଇଲେକ୍ଟ୍ରୋପାଥିକ୍ ଚିକିତ୍ସକ ସଂଘର ବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର, ୨୧।୧(ସମିସ): ଇଲେକ୍ଟ୍ରୋ-ହୋମିଓପାଥିକ ଚିକିତ୍ସା ବିଜ୍ଞାନର ଜନକ କାଉଣ୍ଟ ସିଜର ମିଟିଂ ୨୧୫ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟ ଇଲେକ୍ଟ୍ରୋପାଥିକ ଚିକିତ୍ସକ ସଂଘର ୧୯ତମ ବାର୍ଷିକ ସମ୍ମିଳନୀ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏସଇପିଏ ଓଡ଼ିଶା ଅଧ୍ୟକ୍ଷ ଡ.ସରୋଜ କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଇଲେକ୍ଟ୍ରୋ ଶକ୍ତିର ଅର୍ଥ ହେଉଛି ଜୈବ ଶକ୍ତି ଯାହାକୁ ଉଦ୍ଭିଦରୁ ହାସଲ କରାଯାଇଛି। ଏହା ହେଉଛି ଏକ ସ୍ୱତନ୍ତ୍ର ପଦ୍ଧତି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ରାଜନୈତିଜ୍ଞ ପଞ୍ଚାନନ କାନୁନଗୋ ଯୋଗ ଦେଇ ଇଲେକ୍ଟ୍ରୋପାଥିକ୍ ଚିକିତ୍ସକମାନେ ନିର୍ବାହ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ସମାଜ ବିଜ୍ଞାନୀ ତଥା ସିୱାଇଏସ୍‌ଡିର ସହ ପ୍ରତିଷ୍ଠାତା ଜଗଦାନନ୍ଦ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ, ସେପା ବୈଷୟିକ କମିଟିର ସଭାପତି ଡା. କମଳାକାନ୍ତ ନାୟକ ବକ୍ତବ୍ୟ ରଖିଥିଲେ। ଉପସଭାପତି ଡ.ମନୋଜ କୁମାର ମହଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଭାଇଡର୍ ଡେଇଁ ଧକ୍କା ଦେଲା କାର୍; ୫ ଆହତ

ଭୁବନେଶ୍ୱର, ୨୧।୧ (ସମିସ): ରବିବାର ଅପରାହ୍ଣରେ ଘାଟିକିଆ ଅଞ୍ଚଳରେ ସିରିଜ୍ ଦୁର୍ଘଟଣା ଘଟିଛି। ଏକ କାର୍ ଅଟୋ ଓ ସ୍କୁଟିକୁ ଧକ୍କା ଦେବାରୁ ୫ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ଏକ ଧଳା ରଙ୍ଗର କାର ଘାଟିକିଆରୁ ନାକାଗେଟ୍ ଆଡ଼କୁ ଯାଉଥିଲା। ସିଇଟି କଲେଜ୍ ନିକଟସ୍ଥ କଟ୍ ରେ ବ୍ରେକ ମାରିବା ଫଳରେ ହଠାତ୍ କାରଟି ଓଲଟି ଯାଇଥିଲା। ରାସ୍ତାରେ ଯାଉଥିବା ଗୋଟିଏ ଅଟୋ ଓ ସ୍କୁଟିକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଏକାଠି ହୋଇ କାର ଚାଳକ ଓ ଅଟୋରେ ଥିବା ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାରକୁ ଜବତ କରିଥିଲା।

# ଗୋଲ୍‌ଡେନ୍ ଆୱାର୍‌କୁ ନେଇ ତତ୍ପରତା ଏମିତି

ଭୁବନେଶ୍ୱର, ୨୧।୧(ସମିସ):

ଗୁରୁତର ଦୁର୍ଘଟଣାର ଶିକାର ହୋଇଥିବା ଜଣେ ଯୁବକଙ୍କୁ ତାଙ୍କ ଗୋଲଡେନ୍ ଆୱାର୍ ଭିତରେ ପିସିଆର୍ କର୍ମଚାରୀଙ୍କ ବେପରୁଆ ବ୍ୟବହାର। ସମୟ ବିତି ଯାଉଥିଲେ ମଧ୍ୟ ହସ୍ପିଟାଲରେ ଭର୍ତ୍ତି କରିବାକୁ ନେଇ ଆମ୍ବୁଲାନ୍ସକୁ ଅପେକ୍ଷା କରିବା ସହ ବିଭିନ୍ନ ବାହାନା କରି ଚାଲିଥିଲେ। ଖବର ପାଇ ଥାନା ଅଧିକାରୀଙ୍କ ତୁରନ୍ତ ହସ୍ତକ୍ଷେପ କରି ତାଗିଦ କରିବା ପରେ ପିସିଆର୍ କର୍ମଚାରୀ ବାଧ ହୋଇ ହସ୍ପିଟାଲ୍ ନେଲେ ଏବଂ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ବଞ୍ଚିଲା। ଏକ ଜରୁରିକାଳୀନ ସେବାରେ ଥିବା କର୍ମଚାରୀ ଏଭଳି ବ୍ୟବହାରକୁ ନେଇ ଉଠିଛି ପ୍ରଶ୍ନବାଚୀ।

ଭିଏସ୍‌ଏସ୍ ନଗର ସାମ୍ନା ବାଣୀବିହାର ରେଲୱେ ଓଭରବ୍ରିଜ୍ ନିକଟରେ ଶନିବାର ରାତି ପ୍ରାୟ ୧ଟା୧୫ ସମୟରେ ଖଣ୍ଡଗିରି ଅଞ୍ଚଳର ପୀତବାସ ସାହୁ ନାମକ ଜଣେ ଯୁବକ ଦୁର୍ଘଟଣାଗ୍ରସ୍ତ ହେଲେ। ତାଙ୍କ ମଟରସାଇକଲ ବ୍ରିଜ୍‌ର ସୁରକ୍ଷା ବାଡ଼ ଡେଇଁ ଫୁଟ୍‌ପାଥ୍‌କୁ ଚାଲିଗଲା। ସେ ବ୍ରିଜ ଫୁଟ୍‌ପାଥ୍‌ର ଗୋଟିଏ ପାଖରେ ପଡ଼ି ରହିଥିଲା ବେଳେ ବାଇକ୍‌ଟି ଅନ୍ୟ ପାଖରେ ପଡ଼ି ରହିଥିଲା। ତାଙ୍କ ପଛମୁଣ୍ଡମାଡ଼ ହୋଇ ରକ୍ତ ବାହାରୁ ଥିଲା। ଜଣେ କାର୍‌ଚାଳକ ଏନେଇ ପୁଲିସ କଣ୍ଟ୍ରୋଲରୁମ୍‌କୁ ଖବର ଦେଇଥିଲେ। ଖବରପାଇ କିଛି ସମୟ ପରେ ଘଟଣାସ୍ଥଳରେ ପିସିଆର୍ ପହଞ୍ଚିଥିଲା। ଏହା ମଧ୍ୟରେ ଆମ୍ବୁଲାନ୍ସ କଣ୍ଟ୍ରୋଲ ରୁମ୍‌କୁ ମଧ୍ୟ ଲୋକେ ବାରମ୍ବାର କଲ୍ କରି ଚାଲିଥିଲେ। ହେଲେ ଆମ୍ବୁଲାନ୍ସର ଦେଖା ମିଳି ନ ଥିଲା। ରସୁଲଗଡ଼ରୁ ଅମ୍ବୁଲାନ୍ସ ପହଞ୍ଚୁଛି କହି ବହୁ ସମୟ ଲାଗିଗଲା। ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାକୁ ଲୋକେ ପିସିଆର କର୍ମଚାରୀଙ୍କୁ ଦୁର୍ଘଟଣାଗ୍ରସ୍ତଙ୍କୁ ନେଇ ଯିବାକୁ ବାଧ କଲେ। ହେଲେ ପିସିଆର କର୍ମଚାରୀଙ୍କ ବିମୁଖତା ଲୋକଙ୍କୁ ହତୋତ୍ସାହୀତ କରିଥିଲା। ଏହା ମଧ୍ୟରେ ଗୋଟିଏ ପରେ ଗୋଟିଏ ପିସିଆର ଘଟଣାସ୍ଥଳରେ ଅଟକୁଥାଏ। ପ୍ରାୟ ୩ଟି ପିସିଆର୍ ଘଟଣାସ୍ଥଳରେ ଅଟକିଲା। ଦୁର୍ଘଟଣା ଗୁରୁତର ଥିଲେ ମଧ୍ୟ କେହି ହସ୍ପିଟାଲ ପର୍ଯ୍ୟନ୍ତ ନେଇଯିବାକୁ ନାରାଜ। ସବୁ ପିସିଆର୍ ଆମ୍ବୁଲାନ୍ସକୁ ଅପେକ୍ଷା କରିଥାନ୍ତି। ଏପରିକି ଆମ୍ବୁଲାନ୍ସ ନ ଆସିଲେ ଆଉ କିଛି ହୋଇପାରିବ ନାହିଁ। ଲୋକେ ଯେତେବେଳେ ଉପସ୍ଥିତ ପିସିଆର କର୍ମଚାରୀଙ୍କୁ ବାଧ କଲେ ସେମାନେ ବିଭିନ୍ନ ଆଳ ଦେଖାଇଲେ। କହିଲେ ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଆମ ପିସିଆରରେ ଯାଇ ହେବ ନାହିଁ। ଗାଡ଼ିରେ ପର୍ଯ୍ୟାପ୍ତ ଜାଗାର ଅଭାବ ରହିଛି। ହସ୍ପିଟାଲ ପର୍ଯ୍ୟନ୍ତ ନେଇ ହେବ ନାହିଁ। କେମିତି ନେବୁ...। ନେଲାବେଳେ ଦୁର୍ଘଟଣାଗ୍ରସ୍ତଙ୍କ କିଛି ହୋଇଯାଇ ପାରେ। ଏପରି ଅନେକ କଥା କହି ବାହାନା ବନାଇବାକୁ ଲାଗିଲେ। ଘଟଣାସ୍ଥଳରେ ଉପସ୍ଥିତ ଜଣେ ଅଧିକାରୀଙ୍କୁ ସହିଦନଗର ଥାନା ଅଧିକାରୀ ମନୋଜ ଶତପଥୀ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଆମ୍ବୁଲାନ୍ସ ଆସିବା ବିଳମ୍ବ କଥା ଶୁଣି ତୁରନ୍ତ ପିସିଆର୍‌ରେ ନେଇ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପିସିଆର କର୍ମଚାରୀ ପୀତବାସଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ତେବେ ପିସିଆର୍ ସେବା ଏକ ଜରୁରିକାଳୀନ ସେବା ଅଟେ। ଦୁର୍ଘଟଣା ବେଳେ ପିସିଆର ନିଜ ଆଡୁ ସହଯୋଗ କରିବାକୁ ଆଗେଇ ଆସିବା କଥା। ହେଲେ ଏଭଳି ପରିସ୍ଥିତିରେ ବାହାନା କରିବାକୁ ସାଧାରଣରେ ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ଦୁର୍ଘଟଣା ଘଟିବାର ଅଗାମୀ ଗୁରୁତ୍ୱପୁର୍ଣ୍ଣ ଘଣ୍ଟାକୁ ଗୋଲଡେନ୍ ଆୱାର କୁହାଯାଏ। ଏହିସମୟ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହସ୍ପିଟାଲରେ ପହଞ୍ଚିଗଲେ ବଞ୍ଚିବାର ସମ୍ଭାବନା ବଢ଼ିଯାଏ। ତେଣୁ ଏହାକୁ ଦୃଷ୍ଟିରେ ରଖି, ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଗୋଲ୍‌ଡେନ୍ ଆୱାରରେ ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ସଚେତନ କରାଯାଉଛି।

ବିଭିନ୍ନ ରାସ୍ତା କଡ଼ ଦୋକାନୀଙ୍କୁ ଏଥିପ୍ରତି ତାଲିମ୍ ଦିଆଯାଉଛି। ଦୁର୍ଘଟଣାର ପ୍ରଥମ ଦୁଇଘଣ୍ଟାକୁ ରାଜ୍ୟ ସରକାର ଗୋଲଡେନ୍ ଆୱାର ଘୋଷଣା କରି ଏକ ଏସ୍‌ଓପି ଜାରି କରିଛନ୍ତି। ୪୮ ଘଣ୍ଟା ପର୍ଯ୍ୟନ୍ତ ଘରୋଇ କିମ୍ବା ସରକାରୀ ହସ୍ପିଟାଲରେ ଚିକିତ୍ସା ସମ୍ପୂର୍ଣ୍ଣ ମୁକ୍ତ ରହିବ। ଏଥିପାଇଁ ବିଭିନ୍ନ ସ୍ଥାନରେ ଟ୍ରମା କେୟାର ବ୍ୟବସ୍ଥା କରାଯାଇଛି। ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣାଗ୍ରସ୍ତଙ୍କୁ ଗୋଲଡେନ୍ ଆୱାରରେ ଭର୍ତ୍ତି କରିଥିବା ବ୍ୟକ୍ତିଙ୍କୁ ଅର୍ଥରାଶି ମଧ୍ୟ ପୁରସ୍କାର ଦିଆଯାଉଛି। ରାଜ୍ୟ ସରକାରଙ୍କ ଏଭଳି ପ୍ରୟାସ ଯୋଗୁଁ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୨୦୨୩ର ଦ୍ୱିତୀୟାର୍ଦ୍ଧରେ ୬ପ୍ରତିଶତ କମିଥିବା ଏକ୍ସ୍‌ପର୍ଟମାନେ ମତ ଦେଇଥିଲେ।





# ସଜେଇ ହୋଇଛି ଭୁବନେଶ୍ୱର ରାମ ମନ୍ଦିର

**ହନୁମାନ ଚାଳିଶା ବଣ୍ଟନ ● ମନ୍ଦିର ପ୍ରାଙ୍ଗଣରେ ଦୃଷ୍ଟିବାଧିତଙ୍କ ଭଜନ ସନ୍ଧ୍ୟା**



ଭୁବନେଶ୍ୱର, ୨୧।୧ (ସମିସ):

ଆସନ୍ତା କାଲି ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଅବସରରେ ରାଜଧାନୀର ରାମମନ୍ଦିର ପରିସରରେ ଉତ୍ସବମୁଖର ହୋଇଉଠିଛି। ଏନେଇ ମନ୍ଦିରର ପୂଜକଙ୍କ କହିବା ଅନୁଯାୟୀ ସକାଳ ୫ଟାରେ ମନ୍ଦିର ଖୋଲାଯିବ। ଏହା ସହିତ ହଜାର ହଜାର ଗେଣ୍ଡୁଫୁଲ ଓ ରଙ୍ଗବେରଙ୍ଗ ଆଲୋକରେ ମନ୍ଦିରକୁ ସୁସଜ୍ଜିତ କରାଯାଉଥିବା ଦେଖିବାକୁ ମିଳୁଛି। ଭକ୍ତଙ୍କ ପାଇଁ ଦିନ ସାରା ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ହୋଇଛି ବୋଲି ମନ୍ଦିର ପକ୍ଷରୁ କୁହାଯାଇଛି। କେବଳ ଯେ ମନ୍ଦିର ପକ୍ଷରୁ ତାହା ନୁହଁ ବରଂ ବିଭିନ୍ନ ସମାଜସେବୀ ଅନୁଷ୍ଠାନ ମଧ୍ୟ ଏହି ଅବସରରେ ସ୍ୱଇଚ୍ଛାରେ ପ୍ରସାଦ ବଣ୍ଟନ କାର୍ଯ୍ୟ ପାଇଁ ଆଗେଇ ଆସିଛନ୍ତି ବୋଲି ମନ୍ଦିର ପକ୍ଷରୁ କୁହାଯାଇଛି। ମନ୍ଦିର ସାଜସଜ୍ଜାରେ ଭକ୍ତମାନେ ମଧ୍ୟ ଯୋଗଦେଉଛନ୍ତି।

ଆସନ୍ତା କାଲି ପାଇଁ ଭୁବନେଶ୍ୱର ରାମମନ୍ଦିର ପରିସରରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ମଧ୍ୟ ନିଜର କିଛି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଭିସନ ହ୍ୟୁମାନିଟି ଟ୍ରଷ୍ଟ ପକ୍ଷରୁ ମନ୍ଦିର ବାହାରେ ବିନାମୂଲ୍ୟରେ ଶ୍ରଦ୍ଧାଳୁଙ୍କୁ ହନୁମାନ ଚାଳିଶା ବାଣ୍ଟିବାର ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁ ମଧ୍ୟ ହନୁମାନ ଚାଳିଶା ନେବାକୁ ସେଠାରେ ଭିଡ଼ ଜମାଇଥିବାର ପରିଲକ୍ଷିତ ହୋଇଛି।

ସଙ୍ଗୀତ ସାତସୁର ଦିବ୍ୟାଙ୍ଗ ଭଜନ ପରିବାର ପକ୍ଷରୁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ଉଦେଶ୍ୟରେ ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି। ଏଠାରେ କିଛି ଦୃଷ୍ଟିବାଧିତ କଳାକାରଙ୍କ ପକ୍ଷରୁ ଭଜନ ସଙ୍ଗୀତ ପରିବେଷଣ କରାଯାଉଛି।





## ଭାସ୍କର୍ଯ୍ୟ କଳାରେ ରାମଲଲା



ଭୁବନେଶ୍ୱର, ୨୧।୧ (ସମିସ): ଅଯୋଧ୍ୟା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରର ଭରତପୁର ସାଇରାମ ନଗରର ଭାସ୍କର୍ଯ୍ୟ ଶିଳ୍ପୀ ଜୟଦ୍ରଥ ମଣ୍ଡଳ ଶ୍ରଦ୍ଧା ଓ ଭକ୍ତିର ସହ ରାମଲଲାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କରିଛନ୍ତି। ୨୦ ଇଞ୍ଚର ଲମ୍ବ ଓ ୧୨ ଇଞ୍ଚ ପ୍ରଶସ୍ତ ବିଶିଷ୍ଟ ଏହି ମୂର୍ତ୍ତି ନିର୍ମାଣ ଲାଗି ସେ ୫ କିଲୋ ମାଟି ବ୍ୟବହାର କରିଛନ୍ତି। ଏହି ଅନନ୍ୟ କୃତି ପାଇଁ ତାଙ୍କୁ ୫ ଘଣ୍ଟା ସମୟ ଲାଗିଥିଲା। ଏହା ପୂର୍ବରୁ ଭରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମାଟିରେ ପ୍ରତିମା ନିର୍ମାଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେ ଛତିଶଗଡ଼ ରାଜ୍ୟରେ ଥିବା ଇନ୍ଦିରା କଳା ସଙ୍ଗୀତ ବିଶ୍ୱ ବିଦ୍ୟାଳୟରେ ଭାସ୍କର୍ଯ୍ୟ କଳାରେ ପିଜି କରୁଥିବା ଜଣାପଡ଼ିଛି।

## ରାଜ୍ୟ ଗ୍ରନ୍ଥାଗାରରେ ପ୍ରେରଣାଦାୟକ ବକ୍ତୃତାମାଳା



ଭୁବନେଶ୍ୱର, ୨୧।୧ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଦ୍ୱାଦଶତମ ପ୍ରେରଣାଦାୟକ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବକ୍ତୃତାମାଳାରେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ନାରାୟଣ ସେଠୀ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ନାରାୟଣ ସେଠୀ ଭାଗ୍ୟବାଦୀ ନ ହୋଇ ଅଧ୍ୟବସାୟ, ପରିଶ୍ରମ ଓ ଧୈର୍ଯ୍ୟ ଦ୍ୱାରା କିପରି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ତାର ମୂଳମନ୍ତ୍ର ପ୍ରଦାନ କରିଥିଲେ। ପାଠକ ପାଠିକା ମାନଙ୍କ ସହ ବାର୍ତ୍ତାଳାପ ମାଧ୍ୟମରେ ସେମାନଙ୍କ ପ୍ରସ୍ତୁତିରେ ଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଯୁଗ୍ମ ଶାସନ ସଚିବ ତଥା ଗ୍ରନ୍ଥାଗାରର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅତସୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଙ୍ଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲବ୍ ଯୁବଶ୍ରୀର ୩ ସଦସ୍ୟଙ୍କ ସ୍ମୃତିଚାରଣ ସଭା

ବାଲିଅନ୍ତା, ୨୧।୧ (ସମିସ): ବାଳକାଟି ସ୍ଥିତ କ୍ଲବ ଯୁବଶ୍ରୀର ୩ ପ୍ରମୁଖ ସଦସ୍ୟ ତଥା ବରିଷ୍ଠ ନେତୃବୃନ୍ଦ ପୂର୍ଣ୍ଣଚନ୍ଦ୍ର ସାହୁ, ଭାଗ୍ୟଧର ସାହୁ ଏବଂ କେଦାର ନାଥ ମୁଦୁଲିଙ୍କ ମୃତ୍ୟୁରେ ଆଜି କ୍ଲବ ପରିସରରେ ଶ୍ରଦ୍ଧାଞ୍ଜଳୀ ସଭା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋକ ସଭାରେ ସଭାପତି ସନ୍ତୋଷ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁବ୍ରତ କୁମାର ମହାନ୍ତି, ରବିନ୍ଦ୍ର କୁମାର ବାରିକ, ବେଣୁଧର ଭୋଇ, ବିଜୟ ମୁଦୁଲି, ନାରାୟଣ ସାହୁ, ଅରବିନ୍ଦ ସାହୁ, ପ୍ରଫୁଲ୍ଲ ମହାରଣା, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦି, କପିଳ ମହାରଣା, ଅରବିନ୍ଦ ସାହୁ, ମଳୟ ମହାନ୍ତି, ବିଜୟ କୁମାର ସାହୁ, ବଂଶୀଧର ପରିଡା, ବସନ୍ତ ପଣ୍ଡା, ଇଂ ପ୍ରଭାସ କୁମାର ବାରିକ, ରତିପ୍ରଭା ଦାଶ, ସବିତା ଦାଶ, ଜ୍ୟୋସ୍ନାରାଣୀ ତ୍ରିପାଠୀ, ପ୍ରତିମା ମହାନ୍ତି ଏବଂ ବସନ୍ତ କୁମାର ସାହୁ ପ୍ରମୁଖଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ରହି ୩ ସଦସ୍ୟଙ୍କ ସ୍ମୃତିଚାରଣ କରିଥିଲେ। ସେମାନଙ୍କ ମୃତ୍ୟୁର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ।

## 'ଅଜିତ' ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ 'ଗରଡ଼ି'

ଭୁବନେଶ୍ୱର, ୨୧।୧ (ସମିସ): ଅଭିନୟ ଜାଗୃତି ଇନ୍‌ଷ୍ଟିଚ୍ୟୁଟ୍ ଅଫ ଥିଏଟରର ୨୪ ତମ ପ୍ରତିଷ୍ଠା ଦିବସରେ ଆରମ୍ଭ ହୋଇଛି ୧୨ ତମ ଅଜିତ ନାଟ୍ୟ ମହୋତ୍ସବ ୨୦୨୪। ଏହି ମହୋତ୍ସବ ୨୦ରୁ ୨୩ ଯାଏଁ ଭଞ୍ଜକଳା ମଣ୍ଡପଠାରେ ଚାଲିବ। ପ୍ରଥମ ସନ୍ଧ୍ୟାର ପ୍ରସ୍ତୁତି ଥିଲା ଓଡ଼ିଆ ନାଟକ 'ମିରିଆ'। ସେହିପରି ଦ୍ୱିତୀୟ ସନ୍ଧ୍ୟାର ତେଲୁଗୁ ନାଟକ 'ଗରଡ଼ି' ଓ ତୃତୀୟ ସନ୍ଧ୍ୟାରେ ରାଉରକେଲାର ଓଡ଼ିଆ ନାଟକ 'ସାମନ୍ତ ଚନ୍ଦ୍ର ଶେଖର' ଓ ଅନ୍ତିମ ସନ୍ଧ୍ୟାର ନାଟକ ଗୌହାଟିର ନାଟକ 'ବିଭରତା ରଙ୍ଗ'। ଆଜିର ସନ୍ଧ୍ୟାର ନାଟକ ଭାଇଜାକର ତେଲୁଗୁ ନାଟକ 'ଗରଡ଼ି' ମଞ୍ଚସ୍ଥ ହୋଇଯାଇଛି। ଆସନ୍ତାକାଲର ନାଟକ ରହିଛି 'ସାମନ୍ତ ଚନ୍ଦ୍ର ଶେଖର'।



## ସିଟି ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

ଭୁବନେଶ୍ୱର, ୨୧।୧(ସମିସ): ସିଟି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଜୁନିଅର କଲେଜ)ରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଡ଼ ରଶ୍ମିତା ସାହୁ ଏହାକୁ ଉଦ୍‌ଘାଟନ କରି ଜୀବନରେ ନିର୍ଭିକ, ସାହସୀ ଓ ସଶକ୍ତ ହେବାକୁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ସମାଜରେ ନିଜକୁ ପ୍ରତିଷ୍ଠିତ କରି ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ତାଲିମପ୍ରାପ୍ତ ପ୍ରଶିକ୍ଷିକା ସ୍ନେହଲତା ଭୋଳ ଓ ରୋଜିନା ବେହେରା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ବକ୍ସି ଜଗବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଫିସର ପ୍ରୀତିଶା, ଅନିଲ କୁମାର ଓ କାର୍ଯ୍ୟକ୍ରମର ସଂଯୋଜିକା ଡ. ରାଜଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଆତ୍ମରକ୍ଷା କୌଶଳ ଶିବିରରେ ବହୁ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

**■ ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର**

## ଦାରୁମୂର୍ତ୍ତିରେ ସୀମିତ ନୁହନ୍ତି ଶ୍ରୀଜଗନ୍ନାଥ



ଭୁବନେଶ୍ୱର, ୨୧।୧ (ସମିସ): ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପୀତବାସ ରାଉତରାୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀଜଗନ୍ନାଥଙ୍କୁ ନେଇ ପ୍ରାଚୀନ କାଳରୁ ପୁରାଣ ଠାରୁ ଆରମ୍ଭ କରି ଜଣାଣ, ଭଜନ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ନାଟକ ତଥା ବିଭିନ୍ନ ସଂକଳନ ଉପରେ ଆଲୋଚନା ହୋଇଥିଲା। ଏଥିରେ ବକ୍ତାମାନେ ମତ ଦେଇଥିଲେ ଯେ, ଶ୍ରୀଜଗନ୍ନାଥ ଦାରୁମୂର୍ତ୍ତି ଭିତରେ ସୀମିତ ନୁହନ୍ତି। ସେ ଅପୂର୍ବ, ଅନବଦ୍ୟ ଓ ଅନନ୍ୟ ଚେତନା। ତାଙ୍କୁ କେନ୍ଦ୍ର କରି ଅସୁମାରୀ ରଚନା ପ୍ରାଚୀନ କାଳରୁ ସୃଷ୍ଟି ହୋଇଆସୁଛି। ବର୍ତ୍ତମାନ ମଧ୍ୟ ପ୍ରକାଶିତ ହେଉଛି। ଆଲୋଚନା ପ୍ରସଙ୍ଗରେ ପୁରାଣରୁ ଆରମ୍ଭ ହୋଇ ପ୍ରାଚୀନ କବି ପଞ୍ଚସଖା ଯୁଗ ଓ ଆଧୁନିକ ଯୁଗର କବିତା, ସୁରେନ୍ଦ୍ର ମହାନ୍ତି, ଚନ୍ଦ୍ରଶେଖର ରଥ, ଶ୍ରୀଯୁକ୍ତ ଆଚାର୍ଯ୍ୟ ଓ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ ଓ ଓଡ଼ିଶାର ବହୁ ଗାଳ୍ପିକଙ୍କ ଗଳ୍ପ, ନାଟ୍ୟକାରମାନଙ୍କ ନାଟକ ଓ ପ୍ରବନ୍ଧକ ଓ ଗବେଷକମାନଙ୍କର ରଚନା ବିଷୟରେ ଆଲୋଚନା ହୋଇଥିଲା। ଆଲୋଚନାରେ ଡ. ଅଶୋକ କୁମାର ମହାପାତ୍ର, ପୌରୁଷର ସମ୍ପାଦକ ଅସିତ ମହାନ୍ତି, ସାହିତ୍ୟ ଚର୍ଚ୍ଚାର ସମ୍ପାଦକ ନିହାର ଶତପଥୀ, ସାହିତ୍ୟିକ ପର୍ଶୁରାମ ଦ୍ୱିବେଦୀ, ସାହିତ୍ୟିକ ବିମଳା ସିଂହ, ପ୍ରଭାତ କୁମାର ନନ୍ଦ, ସୀତାବଲ୍ଲଭ ମହାପାତ୍ର ରାମନାରାୟଣ ମିଶ୍ର, ପ୍ରେମଲତା ଦେବୀ, ସିର୍ଦ୍ଧାର୍ଥ କାନୁନ୍‌ଗୋ, କୁସୁମ ପଟେଲ, ମୀନାକ୍ଷୀ ରାଉତରାୟ, ସୁବାସ ଚନ୍ଦ୍ର ସାହୁ, ସମୀର ରଞ୍ଜନ ଗୋଚ୍ଛାୟତ, ଅଲେଖ ଚନ୍ଦ୍ର ମିଶ୍ର, ବିଶ୍ୱରଞ୍ଜନ ମିଶ୍ର ଅଂଶ୍ରଗହଣ କରିଥିଲେ। ସଭା ଆରମ୍ଭରେ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇ ତଲାଲସା ଦାସ ଭଜନ ପରିବେଷଣ କରିଥିଲେ। ପ୍ରଦୀପ ବିଶ୍ୱାଳ ଦ୍ୱାରା ସମ୍ପାଦିତ ସାରଳା ସର୍ଜନା ଓ ପ୍ରକାଶିତ ସାରଳ କ୍ୟାଲେଣ୍ଡର ଉନ୍ମୋଚନ ହୋଇଥିଲା। ସଭ୍ୟ ବାବାଜୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରୁ ବିଶିଷ୍ଟ ରାଜନୀତିଜ୍ଞ ପୁଲିସ ଅଧିକାରୀ ତଥା ଲେଖକ ଅନାଦି ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।

**ଦୁଇ ଭଉଣୀଙ୍କ ନିଆରା ପ୍ରୟାସ**

## ଛତୁଆ ପରଟାର ସ୍ୱାଦ ଚାଖୁଛନ୍ତି ଲୋକ

ଭୁବନେଶ୍ୱର, ୨୧।୧(ସମିସ): ଘରେ ଘରେ ଛତୁଆର ଆଦର ରହିଛି। ଏହା ଦେହ ପ୍ରତି ବେଶ ଉପାଦେୟ ବୋଲି ସମସ୍ତଙ୍କୁ ଜଣା। ହେଲେ ଏଥିରେ ଅନ୍ୟ ଖାଦ୍ୟ ବି ପ୍ରସ୍ତୁତ ହୋଇପାରିବ ବୋଲି ହୁଏତ କେହି ଭାବି ନ ଥିବେ। ହେଲେ ଏପରି ଏକ ନିଆରା ଭାବନାକୁ କାର୍ଯ୍ୟରେ କରି ସଫଳ ହୋଇଛନ୍ତି ଦୁଇ ଭଉଣୀ ପ୍ରିୟଙ୍କା ଓ ଅର୍ଚ୍ଚନା। ରୋଷେଇ କରିବାକୁ ପସନ୍ଦ କରୁଥିବା ଏହି ଦୁଇ ଭଉଣୀ ତିଆରି କରୁଛନ୍ତି ଛତୁଆରେ ପ୍ରସ୍ତୁତ ପରଟା ଯାହାକି ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଏହି ଦୁଇ ଭଉଣୀ ଓୟୁଏଟି ଛକ ନିକଟରେ ନିଜର ଷ୍ଟଲ୍ ପକାଇ ଛତୁଆରେ ପ୍ରସ୍ତୁତ ପରଟା ଓ ଚଟଣୀ ବିକ୍ରି କରୁଛନ୍ତି। ଏପରି ଏକ ଷ୍ଟଲ ଗତ କିଛିଦିନ ହେବ ଆରମ୍ଭ ହୋଇଛି, ଯେଉଁଠି ଲୋକ ଏକ ନିଆରା ସ୍ୱାଦ ନେବାକୁ ଭିଡ଼ ଜମାଇଛନ୍ତି। ଛତୁଆକୁ ଆମେ ଘରେ କେବଳ ପାଣିରେ ହିଁ ଭିଜାଇ ଖାଇଥାଉ। ଦେହ ପାଇଁ ହିତକର ହୋଇଥିବାରୁ ଏହାକୁ ସବୁ ସମୟରେ ଖାଇହେବ। ହେଲେ ଏପରି ନିଆରା ପ୍ରୟାସ ବି ହୋଇପାରିବ ବୋଲି ଏହି ଦୁଇ ଭଉଣୀ ପ୍ରମାଣ କରି ଦେଖାଇଛନ୍ତି। ଏହି ନିଆରା ପ୍ରୟାସ ପଛର ଉଦେଶ୍ୟ ସମ୍ପର୍କରେ ପ୍ରିୟଙ୍କା କୁହନ୍ତି ସେ ଯୋଡ଼ାର ବାସିନ୍ଦା। ଦୁଇ ଭଉଣୀ ରାଜଧାନୀର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଘରେ ଏପରି ନୂଆ ନୂଆ ଖାଦ୍ୟ ତିଆରି କରିଥାନ୍ତି। ଛତୁଆର ପ୍ରସ୍ତୁତ ପରଟା ସେ ନିଜେ ମଧ୍ୟ ଘରେ ପ୍ରସ୍ତୁତ କରି ଖାଆନ୍ତି। ଏହାର ସ୍ୱାଦ ମଧ୍ୟ ଭଲ ଓ ସ୍ୱାସ୍ଥ୍ୟ ପାଇଁ ବି ଉପକାରିତା ତେଣୁ ଲୋକ ଏହି ସ୍ୱାଦ ଚଖେଇବା ଓ ରୋଜଗାରର ମାଧ୍ୟମରେ ବାଛିବା ହିଁ ତାଙ୍କ ପ୍ରୟାସ ବୋଲି କହିଛନ୍ତି। ଏହି ପରଟାର ମୂଲ୍ୟ ୨୦ଟଙ୍କା ରହିଛି। ଯେଉଁଥିରେ ଷ୍ଟଫିଙ୍ଗ୍‌ରେ ଛତୁଆ ରହିବା ସହ ଚଟଣୀ ବି ପ୍ଲେଟ୍‌ରେ ପରଷୁଛନ୍ତି। ଲୋକ ମଧ୍ୟ ଏପରି ସ୍ୱାଦ ଚାଖି ଏକ ନିଆରା ଅନୁଭୂତି ସାଉଁଟୁଥିବା ମତ ଦେଉଛନ୍ତି।



## ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘରୋଇ ଏଜେନ୍ସି ବିରୋଧରେ ପ୍ରତିବାଦ

ବାଲିଅନ୍ତା, ୨୧।୧ (ସମିସ): ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାମ କରୁଥିବା ୭ ଜଣ ସଫେଇ କର୍ମଚାରୀଙ୍କୁ ୨ ମାସ ହେଲା ଦରମା ମିଳିନଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ଘରୋଇ ଏଜେନ୍ସି କର୍ମଚାରୀଙ୍କୁ ହଇରାଣ ହରକତ କରୁଥିବା ସୂଚନା ମିଳିଛି। ସରକାରୀ ନୀତି ନିୟମ ଆଧାରରେ କର୍ମଚାରୀଙ୍କୁ ଦରମା ଦେଉନଥିବା ବେଳେ ମାସ ମାସ ଧରି ବକେୟା ଦରମା ମିଳୁ ନାହିଁ। ଏନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ତେଣୁ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଈଶ୍ୱରୀୟ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହୁଏ ମଣିଷ

ନନ୍ଦନକାନନ, ୨୧।୧ (ସମିସ): ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସତସଙ୍ଗ ଆଜି ଅନେକ ଅନେକ ମଣିଷର ଦୁଃଖବେଦନାକୁ ଦୂରକରି ଚାଲିଛି। ଏଠାକୁ ଅସି ମଣିଷ ଭିତରେ ଥିବା ସଇତାନ ପ୍ରବୃତ୍ତିଟା କୃତଜ୍ଞଶୀଳ, ବିଶ୍ୱାସୀ, ଈଶ୍ୱର ଅନୁରଗୀ ହୋଇ ଏକ ଈଶ୍ୱରୀୟ ବ୍ୟକ୍ତିତ୍ୱ ମଣିଷ ରୂପେ ରୂପାନ୍ତରିତ ହୋଇ ଚାଲିଛି ବୋଲି ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ସ୍ୱସ୍ତିବନରେ ଅନୁଷ୍ଠିତ ଶ୍ରୀଶ୍ରୀ ଠାକୁରଙ୍କ ୧୩୬ତମ ଜନ୍ମ ମହା ମହୋତ୍ସବ ଓ ତତ୍ ସହ ଆୟୋଜିତ ବନଭୋଜନ ଉତ୍ସବରେ ଆଲୋଚିତ ହୋଇଯାଇଛି। ଶ୍ରୀଶ୍ରୀଠାକୁର ୧୯୬୯ ମସିହା ଜାନୁଆରୀ ୯ ତାରିଖରେ ତାଙ୍କର କନିଷ୍ଠା କନ୍ୟା ଶାନ୍ତ୍ୱନା ଦେବୀଙ୍କ ଅନୁରୋଧ କ୍ରମେ ସପରିବାରେ ମାଣିକପୁର ଯାଇ ବନଭୋଜି କରିଥିଲେ। ଏହାକୁ ଏକ ଦିବ୍ୟସ୍ମୃତି ଭାବେ ଚାରିଆଡ଼େ ସତସଙ୍ଗୀ ମାନେ ବନ ଭୋଜନ ଉତ୍ସବ କରିଥାନ୍ତି। ଅନୁଷ୍ଠିତ ହୋଇଥିବା ଏହି ମହା ମହୋତ୍ସବରେ ବ୍ରାହ୍ମ ମୁହୂର୍ତ୍ତେ ବେଦ ମାଙ୍ଗଳିକ, ନହବତ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ ପରିକ୍ରମା, ସମବେତ ଉଷା ବିନତୀ ପ୍ରାର୍ଥନା, ସକାଳ ୯ଘଟିକାରେ ସଂଗୀତାଞ୍ଜଳି, ପୂର୍ବାହ୍ନ୧୧.୩୦ରେ ଶ୍ରୀଶ୍ରୀଠାକୁରଙ୍କ ନାମ ସଙ୍କୀର୍ତ୍ତନ ସତସଙ୍ଗ ହୋଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ପରେ ପରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମଟି କଲ୍ୟାଣପୁର ସ୍ୱସ୍ତିବନ ଅନୁକୂଳ୍ୟରେ ସମ୍ପାଦିତ ହୋଇଥିବା ବେଳେ ସତସଙ୍ଗରେ ମୁଖ୍ୟବକ୍ତା ଭାବେ ଡେଲାଙ୍ଗରୁ ସହପ୍ରତି ରିତ୍ୱିକ ବିରଞ୍ଚି ନାରାୟଣ ସାମନ୍ତସିଂହାର, ସଚ୍ଚିଦାନନ୍ଦ ଚାନ୍ଦ, କୈଳାସ ଚନ୍ଦ୍ର ବେହେରା ଯୋଗଦେଇ ସତସଙ୍ଗ ଆଲୋଚନା ରଖିଥିଲେ। ଭୁବନେଶ୍ୱର ତଥା ଆଖପାଖ ସହ ଦୂର ଦୁରନ୍ତରୁ ହଜାରେ ହଜାରେ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଆନନ୍ଦିତ ହୋଇଥିଲେ।

**ପର୍ଯ୍ୟଟନସ୍ଥଳୀ ସୁରକ୍ଷାରେ ଯୁବଗୋଷ୍ଠୀ**

## ପ୍ଲାଷ୍ଟିକ୍‌ମୁକ୍ତ ପର୍ଯ୍ୟଟନସ୍ଥଳୀ ପାଇଁ ଆହ୍ୱାନ

ଭୁବନେଶ୍ୱର, ୨୧।୧(ସମିସ): ପର୍ଯ୍ୟଟନସ୍ଥଳୀ ଗୁଡ଼ିକ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜଧାନୀର ଯୁବଗୋଷ୍ଠୀ। ରାଜଧାନୀ ଓ ଏହାର ଉପକଣ୍ଠବର୍ତ୍ତୀ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ସଚେତନ କରିବା ସହ ସେଠାରେ ପଡ଼ି ରହିଥିବା ପ୍ଲାଷ୍ଟିକ ଆବର୍ଜନାକୁ ସଂଗ୍ରହ ପରି ପରିବେଶ ଓ ପର୍ଯ୍ୟଟନକୁ ସ୍ୱଚ୍ଛ କରିବାକୁ ଆଗେଇ ଆସିଛନ୍ତି ଶିକ୍ଷିତ ଯୁବଗୋଷ୍ଠୀ।

ଖଣ୍ଡଗିରି, ଉଦୟଗିରି, ଜୟଦେବ ବାଟିକା, ଧଉଳି ଶାନ୍ତିସ୍ତୂପ, ଡେରାସ, ଶିଖରଚଣ୍ଡୀ ଆଦି ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ରାଜଧାନୀର ସାତ୍ତ୍ୱିକ ସୌଲ ଫାଉଣ୍ଡେସନ୍‌ର ପ୍ରାୟ ୨୦ଜଣ ସଦସ୍ୟ ଏହି କାମରେ ଲାଗିଛନ୍ତି। ହାତରେ ବ୍ୟାଗ୍ ଧରି ବିଭିନ୍ନ ସ୍ଥାନରେ ଜମା ହୋଇଥିବା ପ୍ଲାଷ୍ଟିକ୍‌ଗୁଡ଼ିକ ସଂଗ୍ରହ କରୁଛନ୍ତି। ପ୍ରତି ରବିବାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାଇ ସେଠାରେ ଏହି ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ କରୁଛନ୍ତି। ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ହାତରେ ଆଣୁଥିବା ପାଣି ବୋତଲ, ପ୍ଲାଷ୍ଟିକ୍ ଜରି ଏହି ସ୍ଥାନଗୁଡ଼ିକରେ ଫିଙ୍ଗି ଦେଉଥିବାବେଳେ ଏହାକୁ ଗୋଟାଇ ସଫେଇ କରୁଛନ୍ତି। ଏଥିସହ ଲୋକଙ୍କ ମଧ୍ୟରେ ଏଭଳି ଆବର୍ଜନା ନ ଫିଙ୍ଗିବାକୁ ସଚେତନତା କରାଉଛନ୍ତି। ଏହାସହ ବର୍ତ୍ତମାନ କଲେଜସ୍ତରରେ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ କରାଯାଇ କିଭଳି ନିଜ କଲେଜ ଏବଂ ସେମାନେ ବୁଲିବାକୁ ଯାଉଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପରିବେଶ ସ୍ୱଚ୍ଛ ରହିପାରିବ ତାହା ଦେଖୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଏହି ଅଭିଯାନ କେବଳ ଓଡ଼ିଶାରେ ନୁହେଁ ଓଡ଼ିଶାର ବିଭିନ୍ନ ସମୁଦ୍ର କୂଳ, ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ପର୍ଯ୍ୟଟନସ୍ଥଳୀରେ ଆରମ୍ଭ ହୋଇଥିବା ଫାଉଣ୍ଡେସନର ପ୍ରତିଷ୍ଠାତା ସତ୍ୟବ୍ରତ ସାମଲ କହିଛନ୍ତି। ଏହି ଅଭିଯାନରେ ଶାରଦା ପ୍ରସାଦ, ପ୍ରୀତିପ୍ରଭା ପାଇକରାୟ, ଶୁଭ୍ରସୀମା ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟ ଏକାଠି ହୋଇ ବିଭିନ୍ନ ସ୍ଥାନରେ ପହଞ୍ଚି ଲୋକଙ୍କୁ ସଚେତନ କରୁଛନ୍ତି।



